### ନିର୍ବାଚନ ପାଇଁ ସଜେଇ ହେଲାଣି ବୁଥ

# ଆଦିବାସୀଙ୍କ ପାରମ୍ପରିକ ପୋଷାକ ପିନ୍ଧିବେ ପୋଲିଂ ଅଧିକାରୀ

ବିଶୋଇ, ୧୮ ।୩ (ସମିସ): ସାଧାରଣ ନିର୍ବାଚନ ତାରିଖ ଘଷଣା ହେବା ପରେ ରାଜନୈତିକ ଉଷ୍ମତା ଦେଖାଦେଲାଣି। ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଚଳିତ ନିର୍ବାଚନରେ ବୁଥ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହୋଇଛି। ଭୋଟରଙ୍କୁ ବୁଥ ପ୍ରତି ଆକୃଷ୍ଟ କରିବା ପାଇଁ ଭିନ୍ନ ଢଙ୍ଗରେ ବିଭିନ୍ନ ପ୍ରକାର ବୁଥର ବ୍ୟବସ୍ଥା କରାଯାଇଛି। ଭୋଟରଙ୍କ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକରେ ସମୁଦାୟ ୬୮ଟି ବୁଥ ବ୍ୟବସ୍ଥା ରହିଛି। ଗତ କିଛିଦିନ ପୂର୍ବରୁ ଜିଲ୍ଲାପାଳ ବିଶୋଇ ବ୍ଲକକୁ ଗସ୍ତରେ ଆସି ବୁଥ ପରିଦର୍ଶନ କରିଥିଲେ। ବୁଥରେ ଭୋଟରଙ୍କ ନିମନ୍ତେ ପାନୀୟ ଜଳ, ବିଶ୍ରାମସ୍ଥଳ, ଶୌଚାଳୟ, ଯାତାୟାତ ଆଦି ଯାଞ୍ଚ କରିଥିଲେ। ଗତ ୨୦୧୧ ଜନଗଣନା ଅନୁଯାୟୀ ବିଶୋଇ ବ୍ଲକରେ ସମୁଦାୟ ୫୬, ୮୬୩ ଭୋଟର ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହି ବ୍ଲକରେ ଭୋଟର ତାଲିକାରେ ନୂତନ ନାମ ଯୋଗ ସହିତ ମୃତ ବ୍ୟକ୍ତିଙ୍କ ଭୋଟର ତାଲିକାରୁ ବାଦ ଦେବା ପ୍ରକ୍ରିୟା ଚାଲୁ ରହିଥିବା କାରଣରୁ ଏହି ସଂଖ୍ୟାରେ ଆଗକୁ ପରିବର୍ତ୍ତନ ଆସିପାରେ।



ତେବେ ବ୍ଲକର ନିର୍ଣ୍ଣାୟକ ଭୋଟରଙ୍କ ପାଇଁ ୬୮ଟି ବୁଥକୁ ସଜାଡ଼ିବା ପ୍ରକ୍ରିୟା ପ୍ରଶାସନିକ ସ୍ତରରେ ଆରମ୍ଭ ହେଲାଣି। ଏହି ୬୮ ବୁଥ ମଧ୍ୟରୁ ୧୪ଟି ବୁଥ ପିଙ୍କ/ସଖୀ ବୁଥ ରହିବ ଯେଉଁଥିରେ ପୋଲିଂ ଅଧିକାରୀ, ପ୍ରିଜାଇଡିଂ ଅଧିକାରୀଠାରୁ ଆରମ୍ଭ କରି ସମସ୍ତ ପୁଲିସ ଅଧିକାରୀ ମଧ୍ୟ ମହିଳା ରହିବେ। ଏହାର ଅନୁରୂପ ଭାବେ ୨୫ଟି ପୁରୁଷ ବୁଥ ରହିବ; ଯେଉଁଥିରେ କେବଳ ପୁରୁଷ କର୍ମଚାରୀ ଭୋଟ ଗ୍ରହଣ ବ୍ୟବସ୍ଥା ପରିଚାଳନାରେ ସହଯୋଗ କରିବେ। ସେହିପରି ୨୯ଟି ବୁଥ ମିକ୍ସ ବୁଥ ରହିବ; ଯେଉଁଥିରେ ଉଭୟ ପୁରୁଷ ଓ ମହିଳା ଅଧିକାରୀ କିମ୍ବା କର୍ମଚାରୀ ଭୋଟ ବ୍ୟବସ୍ଥାକୁ ପରିଚାଳିତ କରିବେ। ଏହି ସମସ୍ତ ବୁଥମଧ୍ୟରୁ ଏଥର ମଡେଲ ବୁଥ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବ। ଏହି ୬୮ଟି ବୁଥ ମଧ୍ୟରୁ ବ୍ଲକରେ ୨୧ଟିକୁ ମଡେଲଭାବେ ଚୟନ କରାଯିବ। ଏହି ମଡେଲ ବୁଥ ଅଧୀନରେ 'ଟ୍ରାଡିସନାଲ ଥିମ୍', ଇକୋ ଫ୍ରେଣ୍ଡଲି ଓ ପିଭିଟିଜି ବିଭାଗ ରହିବ। ଏହି ମଡେଲ ବୁଥ ମଧ୍ୟରୁ ଆଦିବାସୀ ସଂସ୍କୃତିର ପ୍ରସାର କରିବା ପାଇଁ 'ଟ୍ରାଡିସନାଲ ଥିମ୍' ରଖାଯିବ। ଯେଉଁଥିରେ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ପାରମ୍ପରିକ ଆଦିବାସୀ ପୋଷାକ ପରିଧାନ କରି ଭୋଟ ବ୍ୟବସ୍ଥା ପରିଚାଳନା କରିବେ। ଏପରିକି ବୁଥରେ ଆଦିବାସୀ ସଂସ୍କୃତି ପ୍ରଦର୍ଶିତ ହେବ। 'ଇକୋ ଫ୍ରେଣ୍ଡଲି' ଗ୍ରୁପରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ପ୍ରତି ବିଭିନ୍ନ ବାର୍ତ୍ତା ଦିଆଯିବ। ସେହିପରି ମାଙ୍କିଡିଆ ଓ ଖଡ଼ିଆ ଶ୍ରେଣୀର ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ପିଭିଟିଜି ଗ୍ରୁପ ବୁଥ ରହିବ।

### ଦ୍ୱାରଶୁଣୀ ଘାଟି ବ୍ଲାଷ୍ଟିଂର ରହୁନି ନିର୍ଦ୍ଦିଷ୍ଟ ଦିନାଙ୍କ ସୂଚନା

# ଦହଗଞ୍ଜ ହେଉଛନ୍ତି ଯାତ୍ରୀ ଓ ଟ୍ରକ୍ ଚାଳକ

ବିଶୋଇ, ୧୮ ।୩ (ସମିସ)

ମୟୂରଭଞ୍ଜ ଜିଲ୍ଲା ଦ୍ୱାରଶୁଣୀ ଘାଟି ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ଘାଟି ରାସ୍ତାରେ ଘଟୁଥିବା ଦୁର୍ଘଟଣାକୁ ରୋକ ଲଗାଇବା ନିମନ୍ତେ ପ୍ରଶସ୍ତିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ଘାଟିର ରାସ୍ତା କଡ଼କୁ ଲାଗିଥିବା ପାହାଡ଼ର ପଥରକୁ ବ୍ଲାଷ୍ଟିଂ କରାଯାଉଛି। ଏହି ବ୍ଲାଷ୍ଟିଂ ପ୍ରକ୍ରିୟା ପାଇଁ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ଯାଏ ୪୯ ନଂ ଜାତୀୟ ରାଜପଥକୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଅବରୋଧ କରାଯାଉଛି; ମାତ୍ର ପରିତାପର ବିଷୟ ଯେ, ଏହି ବ୍ଲାଷ୍ଟିଂ ପ୍ରକ୍ରିୟା ପାଇଁ ନିର୍ଦ୍ଦିଷ୍ଟ ସମୟ ସୂଚୀ ଥିବାବେଳେ ସଠିକ ଦିନାଙ୍କ ରହୁ ନ ଥିବାରୁ ଯାତ୍ରୀ ଓ ଟ୍ରକ ଚାଳକ ଦହଗଞ୍ଜ ହେଉଛନ୍ତି। ଘାଟିରେ ବ୍ଲାଷ୍ଟିଂ ପ୍ରକ୍ରିୟା ଗତ ମାସରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲାଷ୍ଟିଂ ସମୟରେ ଘାଟି ରାସ୍ତା ବନ୍ଦ ରହିବ ବୋଲି ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରି ଲୋକଙ୍କୁ ସୂଚନା ଦିଆଯାଉଥିଲା। ତେଣୁ ସୂଚନା ପାଇ ସ୍ଥାନୀୟ ଲୋକେ ନିଜର ସୁବିଧାକୁ ଦୃଷ୍ଟିରେ ରଖି ଯାତାୟାତ ପ୍ରକ୍ରିୟାରେ ପରିବର୍ତ୍ତନ କରୁଥିଲେ। ତେବେ କିଛି ଦିନ ହେବ ଘାଟିରେ ବ୍ଲାଷ୍ଟିଂ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ରଖାଯାଉନାହିଁ କି କୌଣସି ସୂଚନା ମଧ୍ୟ ଦିଆଯାଉନାହିଁ। ଫଳରେ ସ୍ଥାନୀୟ ଜନସାଧାରଣ ବ୍ଲାଷ୍ଟିଂ ସମ୍ପର୍କରେ କୌଣସି ସୂଚନା ପାଉନାହାନ୍ତି। ଦୂରଦୂରାନ୍ତରୁ ଆସୁଥିବା ମାଲବାହୀ ଟ୍ରକଗୁଡ଼ିକ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲାଷ୍ଟିଂ ଦିନ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଘାଟି ପାଦଦେଶରେ ଥିବା ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଉଛି। ଫଳରେ ପାଦଦେଶରେ ଟ୍ରକ ଚାଳକମାନେ ଦୀର୍ଘ ଘଣ୍ଟା ଧରି ଫସି ରହୁଛନ୍ତି। ସେଠାରେ ନିଜର ଖାଦ୍ୟ ପ୍ରସ୍ତୁତ ପାଇଁ ଅସମର୍ଥ ସହିତ ଜଙ୍ଗଲ ନିକଟରେ କୌଣସି ଢାବା ନ ଥିବାରୁ ଘଣ୍ଟାଘଣ୍ଟା ଧରି ଭୋକ ଉପାସରେ ପଡ଼ି ରହୁଛନ୍ତି। ସେହିପରି ବାହାର ରାଜ୍ୟରୁ ଆସୁଥିବା ଟୁରିଷ୍ଟ ବସ୍ ମଧ୍ୟ ଅନେକ ସମୟରେ ଘାଟି ନିକଟରେ ଅଟକି ରହୁଛି। ତେଣୁ ଘାଟି ପାଦଦେଶ ସହିତ ପୁଲିସ ଦ୍ୱାରା ବିଶୋଇ ଠାରେ ଏକ ଚେକପୋଷ୍ଟ କରାଯାଇ ଟୁରିଷ୍ଟ ବସ୍ ଓ ଟ୍ରକ ଚାଳକଙ୍କୁ ଏ ସମ୍ବନ୍ଧରେ ସୂଚନା ଦେଲେ ଏହି ସମସ୍ୟାରୁ ରକ୍ଷା ପାଇବେ ବୋଲି ସାଧାରଣରେ ଦାବି ହୋଇଛି। ସେହିପରି ଘାଟି ରାସ୍ତା ବନ୍ଦ ହେଲେ ଏହାର ବିକଳ୍ପ ବିଶୋଇ-ଶଙ୍ଖାଭଙ୍ଗା ରାସ୍ତାରେ ଯାନବାହାନ ଚଳାଚଳ କରେ; ମାତ୍ର ଏହି ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ରହିଥିବାରୁ ବସ୍ ଚଳାଚଳ ହୋଇ ପାରୁନାହିଁ। ସେହିପରି ଏହି ରାସ୍ତାରେ ଉଚ୍ଚ ପାହାଡ଼ ସ୍ଥାନ ଥିବାରୁ ଅନେକ ସମୟରେ ଚାରି ଚକିଆ ଯାନ ମଧ୍ୟ ଫସି ରହିବା ସହିତ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ଘାଟି ବ୍ଲାଷ୍ଟିଂ ଦିନ ପାଇଁ ପ୍ରାକ ସୂଚନା ଦେବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ବିଶୋଇ-ଶଙ୍ଖାଭଙ୍ଗା ରାସ୍ତା ସମ୍ପୂର୍ଣ୍ଣ କରିବାକୁ ଦାବି**



### ମିଟୁଆଣି ଗ୍ରାମରେ ନଳକୂପ ଅଚଳ

# ପିଇବା ପାଣି ପାଇଁ ରାସ୍ତାରେ ବସିଲେ ମହିଳା



ଠାକୁରମୁଣ୍ଡା, ୧୮ ।୩ (ସମିସ): ପିଇବା ପାଣି ପାଇଁ ଦୀର୍ଘ ୮ ଘଣ୍ଟା ରାସ୍ତା ଉପରେ ବସିଲେ ମହିଳା। ଏପରି ଏକ ଘଟଣା ଘଟିଛି ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମିଟୁଆଣି ଗ୍ରାମରେ। ଏହି ଗ୍ରାମର ୧୧ ନମ୍ବର ୱାର୍ଡରେ ପାନୀୟ ଜଳ ଉତ୍କଟ ଦେଖାଦେଇଛି। ଏ ନେଇ ୱାର୍ଡବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ତେଣୁ ସୋମବାର ୱାର୍ଡର ମହିଳାମାନେ ସକାଳ ୬ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କେଶଡିହା-ନୂଆସାହି ପ୍ରଧାନମନ୍ତ୍ରୀ ରାସ୍ତା ଉପରେ ବସି ରହିଥିଲେ। ପରେ ବିଭାଗୀୟ ଯନ୍ତ୍ରୀ ରମେଶ ସିଂ ଘଟଣାସ୍ଥଳରେ ପହଞ୍ଚି ଆଗାମୀ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ମିଟୁଆଣି ଗ୍ରାମରେ ଥିବା ପାଣି ଟାଙ୍କିରୁ ଗ୍ରାମର ମୋଟ ୮ଟି ୱାର୍ଡ ମଧ୍ୟରୁ ୧୧ ନମ୍ବର ୱାର୍ଡକୁ ପାଣି ପାଇପ ସଂଯୋଗ କରା ନ ଯାଇ ସେମାନଙ୍କୁ ପାନୀୟ ଜଳରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରିଥିଲେ। ଆଜିର ଏହାର ପ୍ରତିବାଦ କରି ମହିଳାମାନେ ରାସ୍ତାକୁ ଅବରୋଧ କରିଥିଲେ। ଗତ ୧୪ ତାରିଖରେ ଏହି ୱାର୍ଡର ମହିଳାମାନେ ଗରା, ବାଲଟି ଧରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ୱାର୍ଡରେ ଥିବା ଦୁଇଟି ନଳକୂପରୁ ନାଲି ପାଣି ବାହାରୁ ଥିବାରୁ ସାହିଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଖରାଦିନରେ ପାନୀୟ ଜଳ ସମସ୍ୟା ଜଟିଳ ହେବାର ସମ୍ଭାବନା ଥିବା ବେଳେ ଗ୍ରାମରେ ପାଣି ଟାଙ୍କିଥିଲେ ମଧ୍ୟ ସାହିକୁ ପାଇପ ସଂଯୋଗ ହେଉ ନ ଥିବାର ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାହିବାସୀ ଦାବି ଜଣାଇଛନ୍ତି।

## ବିଜେଡି କର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

ସାରସକଣା/ଜାମଶୋଳା, ୧୮।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ବାଉଁଶଦା ଅସ୍ତିଆ ଅଞ୍ଚଳର ଜଣେ ଯୁବକଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ଜାଳଦା ପଞ୍ଚାୟତ ବାଉଁଶଦା ଅସ୍ତିଆ ଅଞ୍ଚଳର ପୋଷ୍ଟମ୍ୟାନ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ପୁଅ ଟୁନା ମହାନ୍ତଙ୍କ ମୃତଦେହ ଏକ ନିର୍ଜନ ସ୍ଥାନରୁ କ୍ଷତବିକ୍ଷତ ଅବସ୍ଥାରେ ଠାବ ହୋଇଛି। ଟୁନା ବିଜେଡିର ଜଣେ ସକ୍ରିୟ କର୍ମୀ ଥିଲେ। ଏକ ଅଟୋ କିଣି ପରିବାର ଚଳାଉଥିଲେ। କୌଣସି କାରଣକୁ ନେଇ ସେ ଘରୁ ବାହାରି ଯାଇଥିଲେ। ଦୁଇ ଦିନ ପରେ ଏକ ପରିତ୍ୟକ୍ତ ସ୍ଥାନରୁ ଗଳିତ ଅବସ୍ଥାରେ ତାଙ୍କର ମୃତଦେହ ଶନିବାର ଉଦ୍ଧାର ହୋଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କରଞ୍ଜିଆ ଓକିଲ ସଂଘ ନିର୍ବାଚନ; ୧୯ ପ୍ରାର୍ଥୀଙ୍କ ନାମାଙ୍କନ କାଏମ

କରଞ୍ଜିଆ, ୧୮।୩(ସମିସ): ଆସନ୍ତା ୩୦ ତାରିଖରେ କରଞ୍ଜିଆ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସଙ୍ଘର ସମସ୍ତ ପଦବୀ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଥିବାବେଳେ ମୋଟ ୨୦ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ଜଣେ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିବାରୁ ୧୯ ଜଣଙ୍କ ନାମାଙ୍କନ କାଏମ ରହିଥିବା ନିର୍ବାଚନ ଅଧିକାରୀ କାହ୍ନୁଚରଣ ଗିରି ପ୍ରକାଶ କହିଛନ୍ତି।

## ମହିଳାଙ୍କ ବେକରୁ ଚେନ୍ ଲୁଟ୍

ବୈଶିଙ୍ଗା, ୧୮।୩(ସମିସ): ସୋମବାର ଅପରାହ୍ନରେ ଜଣେ ମହିଳା ୧୮ ନଂ. ଜାତୀୟରାଜପଥରେ ବେତନଟୀରୁ ଘରକୁ ଫେରୁଥିବା ବେଳେ ୩ ଜଣ ଅସାମାଜିକ ଯୁବକ ବାଇକ ଯୋଗେ ଆସି ତାଙ୍କ ବେକରୁ ସୁନା ଚେନ ଛଡାଇ ନେବା ସହିତ ଅସଦାଚରଣ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ମହିଳା ଜଣକ ବେତନଟୀ ବ୍ଲକ କାର୍ଯ୍ୟାଳୟରୁ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ଆଗ୍ରିଆ ସ୍ଥିତ ଓଭରବ୍ରିଜ ଉପରେ ଏକ ବାଇକ ଯୋଗେ ତିନି ଜଣ ଅସମାଜିକ ଯୁବକ ତାଙ୍କୁ ପିଛା କରି ଜରକା ଛକ ପର୍ଯ୍ୟନ୍ତ ଆସିବା ପରେ ତାଙ୍କ ବେକରୁ ସୁନା ଚେନ ଛଡାଇ ନେଇ ଦ୍ରୁତଗତିରେ ପଳାଇଥିଲେ। ପରେ ଏ ନେଇ ସେ ତାଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ପରେ ସେହି ତିନିଜଣ ଯୁବକଙ୍କୁ ପଦ୍ମନାଭପୁର ଟୋଲ ପ୍ଲାଜା ନିକଟରେ ଅଟକାଇ ପୁଲିସ ଜିମା ଦେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ତିନିଜଣିଆ ଫ୍ଲାଇଂ ସ୍କ୍ୱାର୍ଡ ଗଠିତ

ମୋରଡା, ୧୮।୩(ସମିସ): ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନମଣ୍ଡଳୀରେ ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନ ସୁରୁଖୁରୁରେ ପରିଚାଳନା ପାଇଁ ଏକ ୩ ଜଣିଆ ଫ୍ଲାଇଂ ସ୍କ୍ୱାର୍ଡ ଗଠନ କରାଯାଇଛି। ଏ ନେଇ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ମୋରଡା ପାଇଁ ଡେପୁଟି କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ରବି ନାରାୟଣ ମିଶ୍ର ଇନଚାର୍ଜ ଥିବା ବେଳେ ତାଙ୍କ ଟିମରେ ମୋରଡା ଥାନା ଏଏସଆଇ ଦୀନବନ୍ଧୁ ଦେହୁରୀ, ହେଡ୍ କ୍ୱାଟରରୁ ଗିରୀଶ ଚନ୍ଦ୍ର ସେଠୀ, ଦିଲ୍ଲୀପ କୁମାର ସେଠୀ, ପ୍ରଭାତ କିସ୍କୁ ଅଛନ୍ତି। ସେହିପରି ଶୁଳିଆପଦା ବ୍ଲକ ପାଇଁ ଅତିରିକ୍ତ ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଭବାନୀ ଶଙ୍କର ପାଢ଼ୀ ଇନଚାର୍ଜ ଥିବା ବେଳେ ଶୁଳିଆପଦା ଥାନା ସବଇନ୍ସପେକ୍ଟର ରୂପଶ୍ରୀ ସ୍ୱାଇଁ, ହେଡ୍ କ୍ୱାଟରରୁ ବିଜୟ କୁମାର ବେହେରା, ଈଶ୍ୱରଚନ୍ଦ୍ର ମହାନ୍ତ, ସୁଶାନ୍ତ କୁମାର ପାତ୍ର ଅଛନ୍ତି। ସେହିପରି ରାସଗୋବିନ୍ଦପୁର ବ୍ଲକ ପାଇଁ ଅତିରିକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ନାଏକଙ୍କ ଟିମରେ ରାସଗୋବିନ୍ଦପୁର ଥାନା ଏଏସଆଇ ସପନ କୁମାର ବିଶ୍ୱାଳ, ଜିଲ୍ଲା ମୁଖ୍ୟାଳୟରୁ ରାଜୀବ କୁମାର ଭୂୟାଁ, ସମର୍ଜିତ ଘୋଷ, ବିଶ୍ୱରଞ୍ଜନ ମୁର୍ମୁ ଅଛନ୍ତି।

### ୬ ବର୍ଷ ହେଲା ଅଙ୍ଗନବାଡ଼ି ଗୃହ ନିର୍ମାଣ ଅଧାପନ୍ତରିଆ

# ଅସ୍ଥାୟୀ ଘରେ ପଢୁଛନ୍ତି କୋମଳମତି ଶିଶୁ

ରାଇରଙ୍ଗପୁର, ୧୮।୩(ସମିସ): ରାଜ୍ୟରେ ଶିଶୁମାନଙ୍କ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି; ହେଲେ ବିଭିନ୍ନ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ଯୋଜନାଗୁଡିକ ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ବଣକାଟି ପଞ୍ଚାୟତ ବରାଜିଆଣି ଗାଁରେ। ଦୀର୍ଘ ୬ ବର୍ଷ ହେଲା ଏକ ଅଙ୍ଗନବାଡି ଗୃହର ନିର୍ମାଣ କାମ ସମ୍ପୂର୍ଣ୍ଣ ହେଉନାହିଁ। ଫଳରେ କୋମଳମତି ଶିଶୁମାନେ ଏକ ଅସ୍ଥାୟୀ ଘରେ ବସି ପାଠ ପଢୁଛନ୍ତି। ଫଳରେ ବର୍ଷତମାମ ଶିଶୁମାନେ ବିଭିନ୍ନ ଅସୁବିଧା ଦେଇ ଗତି କରୁଛନ୍ତି। ଏପରିକି ଶିଶୁଙ୍କ ପାଇଁ ରୋଷେଇ ଗଛ ମୂଳେ କରାଯାଇଥାଏ। ପାଠପଢ଼ା ସ୍ଥାନ ନିକଟରେ କୂଅ ରହିଥିବା ଯୋଗୁଁ କେତେବେଳେ ଅଘଟଣ ଘଟିବା ମଧ୍ୟ ସମ୍ଭାବନା ରହିଛି। ତେଣୁ ଏଭଳି ବିପଦପୂର୍ଣ୍ଣ ପରିବେଶ ମଧ୍ୟରେ ଶିଶୁମାନେ ପାଠ ପଢୁଛନ୍ତି। ଶିଶୁଙ୍କ ପାଇଁ ପାନୀୟ ଜଳ, ଶୌଚାଳୟର ମଧ୍ୟ କୌଣସି ସୁବିଧା ନାହିଁ। ନୂତନ ଗୃହ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇ ନଥିବାରୁ ଏ ନେଇ ଗ୍ରାମବାସୀ ବହୁବାର ବିଜାତଳା ବ୍ଲକ ବିଡ଼ିଓ, ସିଡିପିଓ ଏବଂ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି; କିନ୍ତୁ ଆଜିଯାଏ ସମସ୍ୟାର ସମାଧାନ ହୋଇପାରିନାହିଁ। ବରାଜିଆଣି ଗାଁରେ ରହିଛି ଏକ ଅଙ୍ଗନବାଡ଼ି କେନ୍ଦ୍ର। ଶିଶୁ ସଂଖ୍ୟା ଅଧିକ ହେବାରୁ ୨୦୧୭ ମସିହାରେ ବରାଜିଆଣି ଗାଁର ଉପରସାହିରେ ପ୍ରଶାସନ ପକ୍ଷରୁ ନୂତନ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଥିଲା। ଏହା ପରେ ବରାଜିଆଣି-୨ ଅଙ୍ଗନବାଡି କେନ୍ଦ୍ର ପାଇଁ ତହସିଲ ପକ୍ଷରୁ ଜମି ଚିହ୍ନଟ କରାଗଲା। ଗତ ୨୦୧୭ ମସିହାଠାରୁ ଅସ୍ଥାୟୀ ଭାବେ ପିଲାଙ୍କୁ ପାଠପଢ଼ା ଆରମ୍ଭ କରାଯାଇଥିଲା। ଆର୍ଥିକ ବର୍ଷ ୨୦୧୬-୧୭ ମସିହାରେ ମନରେଗା ଯୋଜନାରେ ସେଠାରେ ଅଙ୍ଗନବାଡି କେନ୍ଦ୍ର ପାଇଁ ନୂତନ ଗୃହ ନିର୍ମାଣ ବ୍ଲକ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ଗତ ୨୦୧୮ ମସିହାରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଅନ୍ୟପକ୍ଷରେ ୨୦୧୭ ମସିହାରୁ ଅଙ୍ଗନବାଡ଼ି କର୍ମୀ ଅସ୍ଥାୟୀ ଘରେ ଶିଶୁଙ୍କୁ ପାଠ ପଢ଼ାଉଛନ୍ତି। ବର୍ତ୍ତମାନ ବରାଜିଆଣି- ୨ ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୨୫ ଜଣ ପିଲା ପଢୁଛନ୍ତି। ଅଙ୍ଗନବାଡ଼ି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବରାଜିଆଣି ଗ୍ରାମବାସୀ ବିଡ଼ିଓ, ବିଜାତଳା ସିଡିପିଓ, ସହ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଗ୍ରାମବାସୀଙ୍କ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।



ଗଛମୂଳେ ଚାଲିଛି ରୋଷେଇ



# ବାଲେଶ୍ୱର ସହରରେ ଟାଉନ୍ ପ୍ଲାନିଂର କାମ ଆରମ୍ଭ କେବେ ?

ବାଲେଶ୍ୱର, ୧୮ ।୩(ସମିସ)

ଓଡ଼ିଶାର ପୁରୁଣା ସହରଗୁଡ଼ିକ ମଧ୍ୟରେ ବାଲେଶ୍ୱର ସହର ଅନ୍ୟତମ। ଏହା ଦୁଇଶହ ବର୍ଷର ସହର ହେଇଥିଲେବି ଆଜି ପର୍ଯ୍ୟନ୍ତ ଏହାର ବିକାଶ ହେଇପାରି ନାହିଁ। ବିକାଶ ନ ହେବା ପଛରେ ଅନେକ କାରଣ ରହିଛି। ବିଶେଷକରି ଏହି ସହର ଅରମ୍ଭରୁ ଟାଉନ ପ୍ଲାନିଂ ଅନୁସାରେ ଗଠନ ହେଇ ନ ଥିବା ଯୋଗଁ ବର୍ତ୍ତମାନ ସହରର ଯେକୌଣସି ଉନ୍ନୟନମୂଳକ କାର୍ଯ୍ୟ କାରବାର ଅସୁବିଧା ଦେଖାଦେଉଛି। ତେବେ ଦୀର୍ଘଦିନରୁ ସହରରେ ଟାଉନ ପ୍ଲାନିଂ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି। କେନ୍ଦ୍ର ସରକାର ଏହି ସହରକୁ ଅମୃତ ଯୋଜନାରେ ସାମିଲ କଲାପରେ ସହରବାସୀ ଆଶାବାସୀଥିଲେ। ପ୍ରଥମେ ଟାଉନ ପ୍ଲାନିଂ କାର୍ଯ୍ୟ କରାଯାଇ ସହରର ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ। ମାତ୍ର ଅମୃତ ଯୋଜନାରେ ଏହି ସହର ସାମିଲ ହେବାର ଦୀର୍ଘବର୍ଷ ବିତିଯାଇଛି, ହେଲେ ସହରରେ ଟାଉନ ପ୍ଲାନିଂ କାର୍ଯ୍ୟ ଆରମ୍ଭ ହେଇପାରିନି। ଫଳରେ ଅନ୍ୟସହର ଗୁଡିକ ଭଳି ବାଲେଶ୍ୱର ସହରରକୁ ନୂତନ ଭାବେ ଗଠନ କରାଯାଇ ପାରୁନି। ବାଲେଶ୍ୱର ସହରରେ କିଛିଟା ହାତ ଗଣତି କାର୍ଯ୍ୟ ହେବା ବ୍ୟତୀତ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହେଉ ନ ଥିବା ଦେଖାଯାଉଛି। ବାଲେଶ୍ୱର ସହରରେ ଉନ୍ନୟନମୂଳକ କାର୍ଯ୍ୟ ନ ହେବା ମୂଳରେ ରହିଛି ଜବରଦଖଲ। ଏହି ସହର ବହୁ ପୁରାତନ ହୋଇଥିବା ଯୋଗୁଁ ଏହାର ଗଠନ ବେଳେ ଟାଉନ ପ୍ଲାନିଂ କରାଯାଇ ନ ଥିଲା। ଗତ ୧୯୮୦ ମସିହାରେ ସରକାରଙ୍କ ପକ୍ଷରୁ ଏଠାରେ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ପ୍ରଥମେ ରତିକାନ୍ତ ପଟ୍ଟନାୟକ ଟାଉନ ପ୍ଲାନର ଭାବେ କାର୍ଯ୍ୟ କରିଥିଲେ। ମାତ୍ର ସହରର ଅଧିକାଂଶ ସ୍ଥାନ ସେତେବେଳେ ଜବର ଦଖଲକାରୀ ମାନଙ୍କ ଅଧୀନରେ ଥିଲା। ଏହି ଜବର ଦଖଲକାରୀ ମାନଙ୍କୁ ଉଚ୍ଛେଦ କରିବାରେ ପ୍ରଶାସନ ବାରମ୍ବାର ବିଫଳ ହେବା ଫଳରେ ଟାଉନ ପ୍ଲାନିଂ କାର୍ଯ୍ୟ ସଠିକ ଭାବେ କରାଯାଇ ପାରି ନ ଥିଲା। କେତେକ ସ୍ଥାନରେ ଜବରଦଖଲକାରୀ ମାନଙ୍କୁ ଉଚ୍ଛେଦ କରାଯାଇ ଥିଲେ ବି, ମୁଖ୍ୟ ରାସ୍ତା ଗୁଡିକର ଉଭୟ ପାର୍ଶ୍ୱରେ ଏବେବି ଅନେକ ପ୍ରଭାବଶାଳୀ ବ୍ୟକ୍ତିମାନେ ଜବରଦଖଲ କରି ରଖିଥିବାର ଦେଖାଯାଉଛି। ଏହାର ଉଦାହରଣ ପାଇଁ ଷ୍ଟେସନ ଛକଠାରୁ ଫକୀର ମୋହନ ଗୋଲାଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଲକ୍ଷ୍ୟ କଲେ ଦେଖାଯିବ ଅନେକ ପ୍ରଭାବଶାଳୀ ବ୍ୟକ୍ତି ମାନେ ଜବରଦଖଲ କରି ରଖିଛନ୍ତି। ଏହିଭଳି ସହରର ଭିନ୍ନଭିନ୍ନ ସ୍ଥାନରେ ଜବରଦଖଲ କରାଯାଇ ଥିବା ଯୋଗୁଁ ରାସ୍ତା ଗୁଡିକୁ ଆବଶ୍ୟକତା ଅନୁଯାୟୀ ସମ୍ପ୍ରସାରଣ କରାଯାଇ ପାରୁ ନଥିବା ବେଳେ ଡ୍ରେନ୍‌ଗୁଡିକୁ ସଠିକ ଭାବେ ନିର୍ମାଣ କରାଯାଇ ପାରୁ ନଥିବା ଲକ୍ଷ୍ୟ କରାଯାଉଛି। ଅପରପକ୍ଷରେ ଦୀର୍ଘବର୍ଷ ଧରି ସହରରେ କାହିଁକି ଟାଉନ ପ୍ଲାନିଂ କାର୍ଯ୍ୟ କରାଯାଉ ନାହିଁ ବୋଲି ଜାଣିବା ପାଇଁ ସୋମବାର ଷ୍ଟେସନଛକରେ ଥିବା ଟାଉନ ପ୍ଲାନିଂ କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ଟାଉନ ପ୍ଲାନିଂ ଅଧିକାରୀ ହରିହର ମହାପାତ୍ର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲାବେଳେ କେବଳ ଜଣେ ପିଅନ ଓ ଇନଭେଷ୍ଟିଗେଟରଙ୍କ ଦ୍ୱାରା କାର୍ଯ୍ୟାଳୟ ଚାଲିଥିବା ଜାଣିବାକୁ ପାଇଥିଲେ।

ଟାଉନ ପ୍ଲାନିଂ ଅଧିକାରୀ ମହାପାତ୍ର ବର୍ତ୍ତମାନ ବାଲେଶ୍ୱର, ବାରିପଦା ଓ କେଉଁଝରେ ଦାୟିତ୍ୱରେ ଥିବାରୁ, ବାଲେଶ୍ୱର କାର୍ଯ୍ୟାଳୟକୁ ମାସରେ ଥରେ ଦୁଇଥର ଆସୁଛନ୍ତି ବୋଲି ସୂଚନା ମିଳିଥିଲା। ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ଫୋନ ନମ୍ବର ମଧ୍ୟ ଉପସ୍ଥିତ ଥିବା କର୍ମଚାରୀଙ୍କ ଠାରୁ ମିଳି ନ ଥିଲା। ଯେକୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ଲାନିଂ ଅନୁସାରେ କରାଯାଇ ଥାଏ। ମାତ୍ର ବାଲେଶ୍ୱର ସହରରେ ଟାଉନ ପ୍ଲାନିଂ ଅନୁଯାୟୀ କୌଣସି କାର୍ଯ୍ୟ କରାଯାଉ ନ ଥିବା ହେତୁ, ସମ୍ପୃକ୍ତ କାର୍ଯ୍ୟ ସଠିକ୍ ଭାବେ ହେଇପାରୁ ନଥିବା ଦେଖା ଯାଉଛି। ତେଣୁ ଟାଉନ ପ୍ଲାନିଂ ଉପରେ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ସହରର ବିକାଶମୂଳକ କାର୍ଯ୍ୟ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବ୍ରାଉନସୁଗର ଜବତ, ଦୁଇ ଗିରଫ



ବାଲେଶ୍ୱର, ୧୮ ।୩(ସମିସ): ବାଲେଶ୍ୱର ସହଦେବଖୁଣ୍ଟା ଆଦର୍ଶ ଥାନା ପୁଲିସ ସୋମବାର ୭୫ଗ୍ରାମ ବ୍ରାଉନସୁଗର ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ଅପରାହ୍ନରେ ବ୍ରାଉନସୁଗର କାରବାର ହେଉଥିବା ଖବରପାଇ ସହଦେବଖୁଣ୍ଟା ଥାନା ପୁଲିସ ପକ୍ଷରୁ ଅଡରବଜାର ମସଜିଦ ଗଳିରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ଜଣେ ୬୦ ବର୍ଷ ବୟସ୍କା ମହିଳାଙ୍କ ଠାରୁ ୭୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା ପୁଲିସ। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୭ ଲକ୍ଷ ୫୦ ହଜାର ଟଙ୍କା ହେବ। ତେବେ ଏହି ବ୍ରାଉନସୁଗର କାରବାରରେ ସମ୍ପୃକ୍ତ ଥିବା ଭଦ୍ରକ ଜିଲ୍ଲା ଧାମନଗର ଥାନା କଲ୍ୟାଣୀ ଅଞ୍ଚଳର ୪୦ ବର୍ଷ ବୟସ୍କ ଅନ୍ୟ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

■ ଘରେ କଳାକନା ବୁଲାଇଲେ ଚୋର

## ଲୁଟିନେଲେ ସୁନାଗହଣା ସମେତ ଟଙ୍କା

ବାଲେଶ୍ୱର, ୧୮ ।୩(ସମିସ): ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଘରେ କଳାକନା ବୁଲାଇ ଦେଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସହଦେବଖୁଣ୍ଟା ଥାନା ଅଧୀନ ଭଟରମିଲ ନିକଟରେ। ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଘରର କବାଟ ଭାଙ୍ଗିବା ସହ ଗଡ୍ରେଜ ଭାଙ୍ଗି ସେଥିରୁ ସୁନା ଗହଣା ଲୁଟ କରିବା ସହ ନଗଦ ଟଙ୍କା ମଧ୍ୟ ନେଇଯାଇଥିବା ନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଭଟରମିଲ ଅଞ୍ଚଳର ଲୋକନାଥ ନାୟକ ଗତ ୧୬ତାରିଖରେ ତାଙ୍କ ଗାଁକୁ ତାଙ୍କ ବାପାଙ୍କର ଶ୍ରାଦ୍ଧ କାର୍ଯ୍ୟ ପାଇଁ ଯାଇଥିଲେ। ୧୭ତାରିଖରେ ପୁଣି ଘରକୁ ଫେରିବା ପରେ କିଛି କାରଣ ପାଇଁ ପୁଣି ଗାଁକୁ ପଳାଇଯାଇଥିଲେ। ତେବେ ସେଠାରୁ ଫେରିବା ପରେ ସେମାନେ ଦେଖିବାକୁ ପାଇଥିଲେ ଯେ ତାଙ୍କ ଘରର ମୁଖ୍ୟ ଗେଟରେ ଚାବି ଭଙ୍ଗା ହୋଇଛି। ଏପରିକି ସେମାନେ ଘର ମଧ୍ୟକୁ ଯିବା ପରେ ଦେଖିବାକୁ ପାଇଲେ ଯେ ତାଙ୍କ ଘରର ଗଡ୍ରେଜ ଭଙ୍ଗା ହୋଇ ସେଥିରେ ଥିବା ଲୁଗା ଗୁଡିକ ଏଣେ ତେଣେ ପଡ଼ିଛି। ଏହାସହ ଆଲମୀରାରେ ଥିବା ଗହଣା, ଟଙ୍କା ମଧ୍ୟ ନେଇଯାଇଛନ୍ତି। ବିଶେଷ କରି ଗୋଟିଏ ସୁନା ଚୋରି ସହ ଗୋଟିଏ ସୁନା ମୁଦି, ଗୋଟିଏ ମଙ୍ଗଳସୂତ୍ର, ସୁନା ମୁଦି ଗୋଟିଏ, ୩ହଳ କାନଫୁଲ ସହ ଆନୁମାନିକ ୧୦ଭରିର ସୁନା ଗହଣା ଚୋରି ହୋଇଯାଇଛି। ଏହାସହ ସେଠାରେ ଥିବା ପାଖାପାଖି ୩୦ ହଜାର ଟଙ୍କା ମଧ୍ୟ ଚୋରି ହୋଇଛି। ଏହାସହ ବିଭିନ୍ନ ରୂପା ସାଭଗ୍ରୀ ମଧ୍ୟ ଚୋରି ହୋଇଯାଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର



ବାଲେଶ୍ୱର, ୧୮ ।୩(ସମିସ): ବାଲେଶ୍ୱର ଚାନ୍ଦିପୁର ଡିଆରଡିଓ ପିଏକ୍ସଇ ପରିସରରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନଜିଓ ଆସ୍ଥା ଓ ପିଏକ୍ସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରକୁ ମୁଖ୍ୟ ଅତିଥିଭାବେ ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ମନୋରଞ୍ଜନ ମଲ୍ଲିକ, ଫୁସଫୁସ ତଥା ଶ୍ୱାସନଳୀ ବିଶେଷଜ୍ଞ ଗୌତମ କୁମାର ପରମାଣିକ, ମାନସିକ ରୋଗ ବିଶେଷଜ୍ଞ ପ୍ରଦୀପ କୁମାର ନାୟକ, ଚର୍ମରୋଗ ବିଶେଷଜ୍ଞ ବିନାୟକ ଦ୍ୱାରି ଆଦି ଅଭିଜ୍ଞ ଚିକିତ୍ସିକମାନେ ଉପସ୍ଥିତ ରହି ନିସ୍ୱାର୍ଥପର ଭାବେ ଶିବିରରେ ଉପସ୍ଥିତ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରିକ୍ଷଣ ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ସେନା, ସିଭିଲିଆନ, ଅବସରପ୍ରାପ୍ତ କର୍ମଚାରୀ ଓ କର୍ମଚାରୀ ମାନଙ୍କ ପରିବାର, ସ୍ଥାନୀୟ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିର ଦ୍ୱାରା ସେମାନେ ନିଜ ସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କରେ ସଚେତନତା ହୋଇପାରିଥିଲେ। ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ପିଏକ୍ସଇ ଓ ଆସ୍ଥାର କର୍ମକର୍ତ୍ତା ମାନେ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆଦର୍ଶ ଆଚରଣ ବିଧି ଯୋଗୁଁ ବନ୍ଦରହିଲା ଜନଅଭିଯୋଗ ଶୁଣାଣି

ବାଲେଶ୍ୱର, ୧୮ ।୩(ସମିସ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଆସନ୍ତା ଜୁନ୍ ମାସ ୬ତାରିଖ ପର୍ଯ୍ୟନ୍ତ ମିଳିତ ଜନଶୁଣାଣି ଅଭିଯୋଗ ବନ୍ଦ ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଜନଶୁଣାଣି ଶିବିରକୁ ଆଜି ଠାରୁ ବନ୍ଦ ରଖାଯାଇଛି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ଅନୁସାରେ ଲୋକସଭା ଓ ବିଧାନସଭା ଲାଗି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଣୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହି ଶିବିର ବନ୍ଦ ରହିବ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ସୂଚନା ଦେଇଛନ୍ତି।

**ଦରମା ନ ଦେଇ ଛଟେଇ**

## ନୂତନ ଯୋଗ ପ୍ରଶିକ୍ଷକ ନିଯୁକ୍ତି ଉଦ୍ୟମକୁ ବିରୋଧ

ବାଲେଶ୍ୱର, ୧୮ ।୩ (ସମିସ)



ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଆୟୁଷ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଆୟୁଷ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରଗୁଡ଼ିକରେ ନିଯୁକ୍ତ ଯୋଗ ପ୍ରଶିକ୍ଷକଙ୍କୁ ଦରମା ଅନୁଦାନ ଅଭାବର ଆଳଦେଖାଇ ଛଟେଇ କରାଯାଇଥିବାବେଳେ ନୂତନ ପ୍ରଶିକ୍ଷକ ନିଯୁକ୍ତି ପାଇଁ ଉଦ୍ୟମକୁ ବିରୋଧ କରିଛନ୍ତି ଛଟେଇ ପ୍ରଶିକ୍ଷକ ମାନେ। ବାଲେଶ୍ୱରର ଜିଲ୍ଲା ଆୟୁର୍ବେଦ ମେଡିକାଲ ଅଫିସରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛଟେଇ ପ୍ରଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ ସହ ସେଠାରେ ଚାଲିଥିବା ନୂତନ ପ୍ରଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୧୦୦ଟି ଆୟୁଷ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ର ପାଇଁ ୨୦୨୦-୨୧ ବର୍ଷରେ ୨୦୦ଜଣ ଯୋଗ ପ୍ରଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ୨୦୨୧-୨୨ ଦ୍ୱିତୀୟ ବ୍ୟାଚ୍‌ରେ ଦୁଇ ଜିଲ୍ଲାର ୧୫୦ଟି କେନ୍ଦ୍ର ପାଇଁ ୩୦୦ଜଣ ପ୍ରଶିକ୍ଷକ ନିଯୁକ୍ତି ପାଇଥିଲେ। ପ୍ରଥମ ବ୍ୟାଚ୍‌ରେ ନିଯୁକ୍ତି ପାଇଥିବା ପ୍ରଶିକ୍ଷକମାନଙ୍କୁ ୨୦୨୩ ମସିହା ଅକ୍ଟୋବର ୨୭ ତାରିଖ ଏବଂ ଦ୍ୱିତୀୟ ବ୍ୟାଚ୍‌ର ପ୍ରଶିକ୍ଷକମାନେ ଗତ ୭ ତାରିଖରେ ଆୟୁଷ ନିର୍ଦ୍ଦେଶକଙ୍କ ନିକଟରୁ ଛଟେଇ ବାବଦରେ ଚିଠି ପାଇଥିଲେ। ଗତ ୧୬ ତାରିଖରେ ଆୟୁଷ ବିଭାଗ ଦାୟିତ୍ୱରେ ଥିବା ଜିଲ୍ଲା ହୋମିଓପାଥି ମେଡିକାଲ ଅଫିସରଙ୍କ ନିକଟରୁ ସେମାନେ ଅନୁରୂପ ଚିଠି ପାଇଥିବା ଛଟେଇ ପ୍ରଶିକ୍ଷକମାନେ କହିଛନ୍ତି। ତେବେ ବିଶ୍ୱସ୍ତ ସୂତ୍ରରୁ ଆୟୁଷ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରଗୁଡିକରେ ୧୭୨ଜଣ ଯୋଗ ପ୍ରଶିକ୍ଷକ ନିଯୁକ୍ତି ପାଇଁ ସାକ୍ଷାତକାର ହେଉଥିବା ସମ୍ପର୍କରେ ସୂଚନାପାଇ ଜିଲ୍ଲା ଆୟୁର୍ବେଦ ମେଡିକାଲ ଅଫିସରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ସେମାନେ କହିଛନ୍ତି। ନିଯୁକ୍ତି ପ୍ରକ୍ରିୟା ବନ୍ଦ ପାଇଁ ସେମାନେ ଦୀର୍ଘ ସମୟ ଦାବି କରିବା ସତ୍ତ୍ୱେ ଆୟୁର୍ବେଦ ମେଡିକାଲ ଅଫିସର ତାହାକୁ ବନ୍ଦ କରି ନ ଥିଲେ। ଆସନ୍ତା ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧିକୁ ପାଳନ ପୂର୍ବକ ସମଗ୍ର ରାଜ୍ୟରେ ନୂତନ ନିଯୁକ୍ତି ବନ୍ଦ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଆନ୍ଦୋଳନକାରୀ ପ୍ରଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଆୟୁର୍ବେଦ ମେଡିକାଲ ଅଫିସର ତପନ ପଣ୍ଡାଙ୍କ ପଚାରିବାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲେ ବି ପୂର୍ବ ନିର୍ଦ୍ଧାରିତ ନିଯୁକ୍ତି ପ୍ରକ୍ରିୟା ବନ୍ଦ ରଖିବା ପାଇଁ ତାଙ୍କୁ କୌଣସି ନିର୍ଦ୍ଦେଶ ମିଳିନଥିବା କହିଥିଲେ। ଅନ୍ୟପକ୍ଷରେ ପ୍ରଶିକ୍ଷକଙ୍କ ଛଟେଇ ସମ୍ପର୍କରେ ସେ କହିଥିଲେ ଯେ, ଦରମା ଅନୁଦାନ ଅଭାବରୁ ପୂର୍ବରୁ ନିଯୁକ୍ତି ପାଇଥିବା ପ୍ରଶିକ୍ଷକଙ୍କୁ ଦରମା ଦିଆଯାଇ ପାରୁନାହିଁ, ମାତ୍ର କାହାକୁ ଛଟେଇ କରାଯାଇ ନାହିଁ। ଆୟୁଷ ବିଭାଗରୁ ଅନୁଦାନ ଆସିଲେ ଆଗାମୀ ଦିନରେ ସେମାନଙ୍କୁ ପୁଣି ଦରମା ଦିଆଯିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ପରେ ଦିନ ପ୍ରାୟ ୧୧.୧୫ ସମୟରେ ଆୟୁଷ ନିର୍ଦ୍ଦେଶକଙ୍କ ନିକଟରୁ ନିର୍ଦ୍ଦେଶ ଆସିବା ପରେ ଆୟୁର୍ବେଦ ମେଡିକାଲ ଅଫିସର ଶ୍ରୀ ପଣ୍ଡା ନିଯୁକ୍ତି ପ୍ରକ୍ରିୟା ବାତିଲ ହୋଇଥିବା ଘୋଷଣା କରିଥିଲେ। ପରେ ବିଭାଗର କାର୍ଯ୍ୟକଳାପ ବିରୋଧରେ ଅସନ୍ତୁଷ୍ଟ ଯୋଗ ପ୍ରଶିକ୍ଷକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ**

**ମହିଳା ଉଦ୍ୟୋଗୀଙ୍କ ବ୍ୟବସାୟିକ ମେଳା ଓ ପ୍ରଦର୍ଶନୀ ଉଦ୍‌ଯାପିତ**

## ଦୁଇ କ୍ଷୁଦ୍ର ମହିଳା ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ

ବାଲେଶ୍ୱର, ୧୮ ।୩(ସମିସ)




ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ ଏଣ୍ଡକମର୍ସ ୱିମେନ ଏଣ୍ଟରପ୍ରିନିୟର୍ସ ସହଭାଗିତାରେ ଆରମ୍ଭ ହୋଇଥିବା ଦୁଇ ଦିନିଆ 'ଶାଶ ଓ ଶାଶ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ସହରସ୍ଥିତ ଟପ୍ ଆଣ୍ଡ ଟେଷ୍ଟି ପଡ଼ିଆରେ ଏକ ବ୍ୟବସାୟିକ ମେଳା ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ୧୭ଟି ଷ୍ଟଲ ଲାଗିଥିବା ବେଳେ ସହରର ବିଭିନ୍ନ ସ୍ଥାନରୁ ବହୁ ମହିଳା ଉଦ୍ୟୋଗୀ ଏବଂ ମିଶନଶକ୍ତିର ମହିଳାମାନେ ଅଂଶଗ୍ରହଣ କରିଥିଲେ। ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ, ସୁସ୍ୱାଦୁ ଖାଦ୍ୟ, ଶାଢ଼ୀ, ରେଡିମେଡ ଡ୍ରେସ ଆଦି ପଡ଼ିଥିଲା। ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବାଉଁଶ, ଝୋଟ ଓ ବେତରେ ଝୁଡ଼ି, ଟୁଥବ୍ରଶ, ପାନିଆ, ଜଉ ତିଆରି କଣ୍ଢେଇ, ଚୁଡ଼ି, ପ୍ଲାଷ୍ଟିକ ଫୁଲ, ମନିପର୍ସ ଓ ବ୍ୟାଗ ଭଳି ବିଭିନ୍ନ ପ୍ରକାର ଘର କରଣା ସଜାଇବା ସାମଗ୍ରୀ, ବ୍ରାଇଡାଲ ମେକଅପ, ହାଇଡ୍ରା ଫେସିଆଲର ସମ୍ଭାର ଏଠାରେ ଲାଗିଥିଲା। ଏପରିକି ମେଳାରେ ସହରର ଦର୍ଶକଙ୍କ ଭିଡ଼ ଲାଗିଥିଲା। ସେହିପରି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମେଳାକୁ ଅଧିକ ଆକର୍ଷିତ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରର ମହିଳା ଉଦ୍ୟୋଗୀମାନଙ୍କୁ ସାମାଜିକ ସ୍ୱୀକୃତି, ପ୍ରୋତ୍ସାହନ ଓ ସହଯୋଗ ପ୍ରଦାନ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଦୁଇ ଦିନିଆ 'ଶାଶ ଓ ଶାଶ' କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଦୁଇ ଜଣ ମହିଳା ଉଦ୍ୟୋଗୀ ଶ୍ରାବଣୀ ମହାନ୍ତି ଏବଂ ଟି ଆଲପାମାଙ୍କୁ ୫ହଜାର ଟଙ୍କା ଲେଖାଁଏ ସହାୟତା ପ୍ରଦାନ କରାଯାଇଥିଲା। ମେଳାରେ ଅଂଶ ଗ୍ରହଣ କରିଥିବା ସମସ୍ତ ମହିଳା ଉଦ୍ୟୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ ଆଣ୍ଡ କମର୍ସ ୱିମେନ ଏଣ୍ଟରପ୍ରିନିୟର୍ସ ସହଭାଗିତାରେ ଅଗ୍ରଣୀ ଉଦ୍ୟମୀ ସାନାୟା ବୋଧନୱାଲା ଓ ଲୋକେଶ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିଭଳି ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମହିଳା ଉଦ୍ୟୋଗୀମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ଲାଟଫର୍ମ ଯୋଗାଇବା ସହ ଅର୍ଥାଭାବର ସମ୍ମୁଖିନ ହେଉଥିବା କ୍ଷୁଦ୍ର ମହିଳା ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସାନାୟା ଓ ଲୋକେଶ କହିଛନ୍ତି। ସେହିପରି ମେଳାରେ ଅଂଶଗ୍ରହଣ କରି ମହିଳାମାନେ ଖୁସିବ୍ୟକ୍ତ କରିବା ସହ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହିଭଳି କାର୍ଯ୍ୟକ୍ରମ ମହିଳାମାନଙ୍କୁ ବ୍ୟବସାୟ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ସୁଯୋଗ ଦେଇଛି ବୋଲି ଉଦ୍ୟୋଗୀମାନେ କହିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସହରର ହୋଟେଲ ବାରଜୋର୍ଜିର ବନଜାରା ଠାରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ 'ମିଳନ ଓ ସ୍ୱାଗତ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ସାନାୟା ଓ ଲୋକେଶ ପ୍ରକାଶ କରିଛନ୍ତି।

## ସରକାରୀ ଚାକିରି କରି ଘରୋଇ ଚିକିତ୍ସାଳୟରେ ରୋଗୀ ଚିକିତ୍ସା

ବାଲେଶ୍ୱର, ୧୮ ।୩(ସମିସ)




ସରକାରୀ ଡାକ୍ତରଖାନାରେ ଚାକିରି କରିଛନ୍ତି, କିନ୍ତୁ ଘରୋଇ କ୍ଲିନିକ୍ ରେ ରୋଗୀ ଦେଖୁଛନ୍ତି। ଆଉ ଜଣେ ମହିଳାଙ୍କୁ ଏମିତି ଅଲଟ୍ରାସାଉଣ୍ଡ କରିଛନ୍ତି ଯେ, ମହିଳାଙ୍କ ଗର୍ଭସ୍ଥ ଶିଶୁଟି ମା ପେଟରେ ନଷ୍ଟ ହେଇଯାଇଥିବା ଅଭିଯୋଗ ହେଇଛି। ବାଲେଶ୍ୱର ମିର୍ଜାପୋଖରୀ ନିକଟରେ ଥିବା ଇନଭେଟିଭ ସ୍କାନ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ଅଲଟ୍ରାସାଉଣ୍ଡ କରିବା ପରେ ଏଭଳି ଅଭିଯୋଗ ଆଣିଛନ୍ତି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ବାଛିରିପଡ଼ା ଅଞ୍ଚଳର ପ୍ରୀୟଙ୍କା ମହାନ୍ତି। ଚଳିତ ମାସ ୯ ତାରିଖରେ ପ୍ରିୟଙ୍କା ଅଲଟ୍ରାସାଉଣ୍ଡ କରିବା ପାଇଁ ଇନୋଭେଟିଭକୁ ଆସିଥିଲେ। ଡାକ୍ତର ଯାହା ଅଲଟ୍ରାସାଉଣ୍ଡ କରିବା ପାଇଁ ପ୍ରେସକ୍ରିପ୍ସନରେ ଉଲ୍ଲେଖ କରିଥିଲେ, ସେହି ଅନୁସାରେ ଇନୋଭେଟିଭରେ ଡାକ୍ତର ଅଲଟ୍ରାସାଉଣ୍ଡ କରି ନ ଥିଲେ। ଫଳରେ ମହିଳାଙ୍କ ରକ୍ତସ୍ରାବ ହେବା ସହ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପଡ଼ି, ଶିଶୁ ନଷ୍ଟ ହୋଇଥିବା ମହିଳା ଜଣକ ଅନୁମାନ କରିଥିଲେ। ଏନେଇ ସୋମବାର ମଧ୍ୟାହ୍ନ ସମୟରେ ଇନୋଭେଟିଭରେ ପହଞ୍ଚି ଏବାବଦରେ କହିଥିଲେ। ଡାକ୍ତର ଯେଉଁ ଅଲଟ୍ରାସାଉଣ୍ଡ ପାଇଁ କହିଥିଲେ ଅନ୍ୟ ଅଲଟ୍ରାସାଉଣ୍ଡ କାହିଁକି କରାଗଲା ବୋଲି ମହିଳା ପ୍ରଶ୍ନ କରିବାରୁ ଇନଭେଟିଭର କର୍ମଚାରୀ ମାନଙ୍କ ପକ୍ଷରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ମହିଳାଙ୍କ ସମ୍ପର୍କୀୟ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିବା ସହ ଇନଭେଟିଭ ର କର୍ମଚାରୀମାନଙ୍କୁ ଏଭଳି ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ମହିଳା ମାନସିକ ଚିନ୍ତିତ ଥିବାବେଳେ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ଅନ୍ୟପଟେ ମହିଳାଙ୍କ ଅଲଟ୍ରାସାଉଣ୍ଡ କରିଥିବା ଡାକ୍ତର ଜଣକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରିଥିଲାବେଳେ ସେ ଇନୋଭେଟିଭରେ ଅଲଟ୍ରାସାଉଣ୍ଡ ଅପରେଟିଂ କରନ୍ତି। ଇନଭେଟିଭର କର୍ମଚାରୀମାନଙ୍କ ପକ୍ଷରୁ ଡାକ୍ତରଙ୍କ ବାବଦରେ କୁହାଯିବା ପରେ ଜନ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରି କାହା ନିର୍ଦ୍ଦେଶରେ ସମ୍ପୃକ୍ତ ଡାକ୍ତର ଜଣକ ପ୍ରାଇଭେଟରେ ଅଲଟ୍ରାସାଉଣ୍ଡ କରିବା ସହିତ ରୋଗୀ ଦେଖୁଛନ୍ତି, ତାହା ଜନ ସାଧାରଣରେ ପ୍ରଶ୍ନ ହେବା ସ୍ୱାଭାବିକ। ଡାକ୍ତରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମହିଳା ଜଣକ ନ୍ୟାୟ ପାଇବା ପାଇଁ ଦାବି କରିଛନ୍ତି।

## ହାତୀଆଗଣ୍ଡ ପ୍ରିମିୟର ଲିଗ୍: ଡେଞ୍ଚୀର ଇଲେଭେନ ଚାମ୍ପିଅନ



ବାଲେଶ୍ୱର, ୧୮ ।୩(ସମିସ): ହାତୀଆଗଣ୍ଡ ପ୍ରିମିୟମ ଲିଗ୍ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେଇଛି। ଏହି ଲିଗ ମ୍ୟାଚ ଆଠଟି ଟିମକୁ ନେଇ ଅନୁଷ୍ଠିତ ହୋଇଥିଲା। ତେବେ ଫାଇନାଲ ମ୍ୟାଚ ଏଜେ ଫାଇଟର ଏବଂ ଡେଞ୍ଚୀର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବ୍ୟାଟିଂ କରି ଏଜେ ଫାଇଟର ୧୩ ଓଭରରେ ୧୩୮ ରନ୍ କରିଥିଲା। ଜବାବରେ ଡ୍ୟାନଜର ଇଲେଭେନ ୧୧ଓଭରରେ ନିର୍ଦ୍ଧାରିତ ରନ୍ କରି ନେଇ ଚାମ୍ପିୟାନ ହୋଇଥିଲା। ଏଥିରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୁଶାନ୍ତ ହୋଇଥିବା ବେଳେ ମ୍ୟାନ ଅଫ୍ ଦି ସିରିଜ ଭାବେ ଗୁପିଆ ହୋଇଥିଲେ। ତେବେ ଚାମ୍ପିଅନ ଦଳକୁ ୩୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସଅପ ଦଳକୁ ୩୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତଥି ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶୁଭେନ୍ଦୁ ଦାସ ମଙ୍ଗରାଜ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀ, ବଡ଼ପାଳ ସରପଞ୍ଚ କମଲଲୋଚନ ପଣ୍ଡା, ପତ୍ରିପାଳ ସରଞ୍ଚ ବିଧୁସ୍ମିତା ମହାଳିକ, ପତ୍ରିପାଳ ସମିତି ସଭ୍ୟ ହରିମୋହନ ମାଝୀ, ସରିତା ଦାସ, ଅଜୟ ମହାଳିକ, ଚିତ୍ତରଞ୍ଜନ ଦାସ ଉପସ୍ଥିତ ଥିଲେ। ଏହି ଉଦ୍‌ଯାପନୀ ଉତ୍ସବକୁ ନାଟ୍ୟକାର ରାଧାରଞ୍ଜନ ଦାସ ସଭାପତିତ୍ୱ କରିଥିବା ବେଳେ ଅମ୍ପାୟାର ଭାବେ ମୁରଲୀଧର ଦାସ ଓ ମାନସ ମହାଳିକ ତୁଲାଇ ଥିଲେ। ଏହି ସମସ୍ତ କ୍ରୀଡ଼ାକୁ ରାଜେନ୍ଦ୍ର ଦାସ, ସତ୍ୟ ନାରାୟଣ ବେହେରା, ରମେଶ ଦାସ, ମନୋଜ ମହାକୁଡ଼, ଅଜୟ ଦାସ, ବିଶ୍ୱନାଥ ଦାସ, ଦାମୋଦର ଦାସ, ନିରଞ୍ଜନ ନାୟକ, ରାମପ୍ରସାଦ ଦାସ, ଗୋବିନ୍ଦ ଦାସ, ସଞ୍ଜୟ କୁମାର ଦାସ, ଚିତ୍ତରଞ୍ଜନ ମହାଳିକ, ସୁଜିତ ଦାସ, ପିଣ୍ଟୁ ସାହୁ, ସୁଶାନ୍ତ ମହାଳିକ, ରଞ୍ଜିତ ରଞ୍ଜନ ଦାସ, ଆଦିତ୍ୟ ମହାଳିକ, ଲକ୍ଷ୍ମଣ ମହାଳିକ, ବବୁଲ ମହାଳିକ, ଅଜିତ ଦାସ, ସନ୍ତୋଷ ଦାସ, ସୁମନ୍ତ ଦାସ, ଛଟିଆ ମହାଳିକ, ଗଜେନ୍ଦ୍ର ମହାଳିକ, ଚିତ୍ତରଞ୍ଜନ ଦାସ ସଭ୍ୟମାନେ ପରିଚାଳନା କରିଥିଲେ। ସଭାପତି ସତ୍ୟରଞ୍ଜନ ଦାସ ଓ କୋଷାଧ୍ୟକ୍ଷ ନିର୍ମଳ ଦାସ ଧନ୍ୟବାଦ ଦେଇଥିଲେ।

# ଭୂଷଣ୍ଡେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଭୂଷଣ୍ଡେଶ୍ୱର ୧୮।୩(ସମିସ): ଚୈତ୍ର ମାସର ପ୍ରଥମ ସୋମବାରରେ ଭୋଗରାଇ ବ୍ଲକ କୁମ୍ଭୀରଗଡ଼ ଠାରେ ଅଧିଷ୍ଠିତ ଏସିଆ ମହାଦେଶର ସର୍ବ ବୃହତ୍ତ ଶିବ ଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ସକାଳେ ମନ୍ଦିରର ସେବାୟତମାନଙ୍କ ଦ୍ୱାରା ଠାକୁରଙ୍କ ନୀତିକାନ୍ତି ସମାପନ ହେବା ପରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଲମ୍ବା ଲାଇନ ଲାଗିଥିଲା। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ମାନେ ନିଜର ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ। ବାବା ଭୂଷଣ୍ଡେଶ୍ୱର ମହାଦେବ ହେଉଛନ୍ତି ବିଶ୍ୱାସର ଠାକୁର, ଚୈତ୍ର ମାସ ହେଉଛି ପବିତ୍ର ମାସ ଏବଂ ସୋମବାର ହେଉଛି ଦେବ ଦେବ ମହାଦେବଙ୍କ ବାର। ଏହି ଦିନ ବାବା ଙ୍କୁ ପୂଜାର୍ଚ୍ଚନା କଲେ ଭକ୍ତ ଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ତେଣୁ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା ପାଇଁ ଦୁରଦୁରାନ୍ତରୁ ଏଠାକୁ ଧାଇଁ ଆସିଥାନ୍ତି। ଆଜି ଭକ୍ତଙ୍କ ଗହଳିରେ ମନ୍ଦିର ର ପରିବେଶ ଶିବମୟ ହୋଇଥିଲା।

# ମୃତବ୍ୟକ୍ତିଙ୍କ ଝିଅକୁ ପୋଷ୍ୟ ଭାବେ ଗ୍ରହଣକଲେ କଂଗ୍ରେସ ନେତା



ରାଇବଣିଆ୧୮।୩(ସମିସ):ଜଳେଶ୍ୱର ବ୍ଲକ ଅଧୀନସ୍ଥ ଗୋପିମୋହନପୁର ପଞ୍ଚାୟତର କଲ୍ୟାଣପୁର ଗାଁର ପୁରୁଷୋତ୍ତମ ଜେନାଙ୍କ ଗତକାଲି ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିଲା। ଆଜି କଂଗ୍ରେସ ନେତା ତଥା ସମାଜସେବୀ ସୁଦର୍ଶନ ଦାସ ଶ୍ରୀ ଜେନାଙ୍କ ଘରକୁ ଯାଇ ସେଠାରେ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଗାଁ ମାଲିକ ଜନାର୍ଦ୍ଦନ ଦାସ ଏବଂ ଅନ୍ୟାନ୍ୟ ଗ୍ରାମବାସୀଙ୍କ ସମ୍ମୁଖରେ ତାଙ୍କ ଝିଅ ନନ୍ଦିନୀଙ୍କୁ ପୋଷ୍ୟ ଝିଅ ଭାବରେ ଗ୍ରହଣ କରି ତାର ପାଠପଢ଼ା ସହିତ ବାହାଘର ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ସେ ବହନ କରିବେ ବୋଲି ଘୋଷଣା କରିଥିଲେ। ପ୍ରକାଶ ଥାଉକି ଟାଟା ପାୱାରର ଅବହେଳା ପାଇଁ ପୁରୁଷୋତ୍ତମଙ୍କ ମୃତ୍ୟୁ ଘଟିଥିଲା। ଗତ ୧୩ ତାରିଖରେ ପବନ ବର୍ଷାରେ ଗାଁ ର ବିଦ୍ୟୁତ୍ ତାର ଛିଡି ଯାଇଥିଲା। ଗାଁ ଲୋକେ ବିଦ୍ୟୁତ ବିଭାଗକୁ ଜଣାଇବା ପରେ ମଧ କୌଣସି ପଦକ୍ଷେପ ନିଆ ହେଲାନାହିଁ। ଫଳରେ ତାର ଉପରେ ପଡ଼ିଥିବା କଦଳୀ ଗଛ ସଫା କରିବାକୁ ଗଲାବେଳେ ପୁରୁଷୋତ୍ତମ ବିଦ୍ୟୁତ୍ ତାର ସଂଯୋଗରେ ଅସି ମୃତ୍ୟୁବରଣ କରିଥିଲେ। ତାଙ୍କୁ କ୍ଷତିପୂରଣ, ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦାବିରେ ଗତକାଲି ସନ୍ଧ୍ୟାରେ ୩ ଘଣ୍ଟା ଧରି ଶ୍ରୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ରାସ୍ତା ରୋକ ହୋଇଥିଲା। ତହସିଲଦାର, ଥାନା ଅଧିକାରୀ ଓ ବିଦ୍ୟୁତ ବିଭାଗର ଅଧିକାରୀ ମାନଙ୍କ ସହିତ ଆଲୋଚନା ଓ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଜି ସୁଦର୍ଶନ ଦାସ କଲ୍ୟାଣ ପୁର ଗାଁ କୁ ଯାଇ ତାଙ୍କ ଝିଅ ନନ୍ଦିନୀକୁ ପୋଷ୍ୟ ଝିଅ ଭାବରେ ଗ୍ରହଣ କଲାବେଳେ ପଦ୍ମଲୋଚନ ବେହେରା, ତ୍ରିଲୋଚନ ଦାସ, ସୁଦାମ ପାତ୍ର, ସଞ୍ଜୟ ଜେନା, ବିଭୁଦେନ୍ଦ୍ର ଦେ, ଅନୁପ ପରିଡ଼ା, ମନୋରଞ୍ଜନ ଦାସ, ବିଜୟ ଜେନା, ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସ ପ୍ରଶାସନ ପକ୍ଷରୁ ପ୍ରଶିକ୍ଷଣ ଶିବିର




ଖନ୍ତାପଡ଼ା, ୧୮।୩ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ସଭା ଗୃହରେ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ପୁଲିସ ପ୍ରଶାସନ ତରଫରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଖନ୍ତାପଡ଼ା ଥାନା ଅଧିକାରୀ ବିରଞ୍ଚି କୁମାର ସାହୁ ଯୋଗଦେଇ ସମସ୍ତ କର୍ମଚାରୀଙ୍କୁ ଆଗକୁ ଆସୁଥିବା ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ କିପରି କରାଯାଇ ପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିବା ସହିତ ପ୍ରଶିକ୍ଷଣ ଦେଇଥିଲେ। ଖନ୍ତାପଡ଼ା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଖରାଦିନ ଆରମ୍ଭରୁ ପାଣି ସମସ୍ୟା**

# ଉହଳବିକଳ ହେଉଛନ୍ତି ୫ ଶହରୁ ଅଧିକ ଲୋକ

ବଳରାମପୁର, ୧୮।୩(ସମିସ)

ଖରାଦିନ ଆରମ୍ଭରୁ ଦେଖା ଦେଲାଣି ପାଣି ସମସ୍ୟା। ଟୋପାଏ ପାଣି ପାଇଁ ଉହଳ ବିକଳ ହେଉଛନ୍ତି ଲଙ୍ଗଳେଶ୍ୱର ଗ୍ରାମର ୯ ନମ୍ବର ୱାର୍ଡର ୫୦୦ରୁ ଅଧିକ

### ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍ୟ

ଲୋକ। ନଳକୂପ ଅଚଳହୋଇ ପଡ଼ିଥିବାବେଳେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଠିକ ଭାବରେ ସଂଯୋଗ ହୋଇ ନ ଥିବାରୁ ଲୋକେ ନାହିଁ ନାହିଁ ନ ଥିବା ଅସୁବିଧାରେ ପଡ଼ିଛନ୍ତି। କେବଳ ସେତିକି ନୁହେଁ ଯଦି କାହାରି ଦେହ ଅସୁସ୍ଥ ହୁଏ ତେବେ ଡାକ୍ତରଖାନା ନେବାକୁ ହେଲେ ଏକରୁ ଦୁଇ କିଲୋମିଟର ରାସ୍ତା ଖଟିଆ ବା ଦୋଳି ସାହାଯ୍ୟରେ ନେବାକୁ ପଡୁଛି। ବର୍ଷା ଦିନରେ ରାସ୍ତା ପାଇଁ ୱାର୍ଡ ର ଲୋକ ମାନଙ୍କୁ କଷ୍ଟ ଭୋଗିବାକୁ ପଡ଼ିଥାଏ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଣିଆଡିହା ପଞ୍ଚାୟତରେ ଲଙ୍ଗଳେଶ୍ୱର ଗ୍ରାମର ୯ ନମ୍ବର ୱାର୍ଡର ନବେ ଭାଗ ଲୋକେ ଆଦିବାସୀ। ଯଦି ବା କିଛି ଘରେ ଘରୋଇ ନଳକୂପ ଅଛି ସେଥିରୁ ଗୋଟିଏ ଗରା ପାଣି ବାହାର କରିବା ପାଇଁ ୧୦ ରୁ ୧୫ ମିନିଟ ସମୟ ଲାଗୁଛି। ଏହା ସହିତ ବେଳେବେଳେ ନଳକୂପରୁ ବାଲି ଓ ଗୋଳିଆ ପାଣି ବାହାରୁଛି। ଏହି ଗାଁ ପାଇଁ ୨ରୁ ୩ଟି ନଳକୂପ ଆବଶ୍ୟକତା ରହିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ସଂଯୋଗ ହୋଇଥିବା ପାଣି କାହାରି ପାଖରେ ପହଞ୍ଚି ନାହିଁ। ସରକାର ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ମାତ୍ର ସରପଞ୍ଚ, ସ୍ଥାନୀୟ ବ୍ଲକ ସଦସ୍ୟ, ୱାର୍ଡ ମେମ୍ବର ତଥା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ବିଭାଗୀୟ ଅଧିକାରୀ କହୁଛନ୍ତି ଅପେକ୍ଷା କର ମେଗା ପ୍ରଜେକ୍ଟରେ ପାଣି ପାଇବ, ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଲୋକେ ପାଣି ଓ ରାସ୍ତାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ବାଧ ହୋଇ କିଛି ଲୋକ ପୋଖରୀରୁ ପିଇବା ପାଇଁ ପାଣି ନେଉଛନ୍ତି। ଏବେ ପୋଖରୀରେ ମଧ ପାଣିନାହିଁ। ଏନେଇ ବାରମ୍ବାର ଅଭିଯୋଗ କଲେ କେହି ଶୁଣୁ ନ ଥିବା ପାଣି ପାଉ ନ ଥିବା ଲୋକେ କହିଛନ୍ତି। ଯଦି ଏହି ଗ୍ରାମକୁ ପିଇବା ପାଣିର ବ୍ୟବସ୍ଥା କରା ନ ଯାଏ ତାହାହେଲେ ଆଗାମୀ ନିର୍ବାଚନ ସମୟରେ ନେତା ମନ୍ତ୍ରୀଙ୍କୁ ଗାଁରେ ପୁରାଇ ନଦେବା ସହିତ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଟ୍ରକ୍ ପଛପଟୁ ଧକ୍କା ଦେଇ ଜଣେ ମୃତ, ୧ ଗୁରୁତର

ଖନ୍ତାପଡ଼ା, ୧୮।୩(ସମିସ): ଟ୍ରକ୍ ପଛକୁ ଧକ୍କାଦେଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇ ଜଣାପଡ଼ିଛି। ଖନ୍ତାପଡ଼ା ଥାନା ଖୁସୀ ହୋଟେଲ ସାମ୍ନାରେ ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ବାଇକ ଯୋଗେ ସନୁ ମାଝୀ(୨୦) ଓ ଦୁଲାଲ ମୁର୍ମୁ(୨୨) ମୟୂରଭଞ୍ଜ ଜିଲ୍ଲା ରଙ୍ଗା ମାଟିଆ ଫେଉଥିବାବେଳେ ସାମ୍ନାରେ ଏକ ଟ୍ରକ ପଛକୁ ଧକ୍କାଦେଇଥିଲେ। ରାସ୍ତାକୁ ଛିଟିକିପଡ଼ି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟଲୋକଙ୍କ ସହଯୋଗରେ ଉଭୟଙ୍କୁ ଚିକିତ୍ସା ପାଇଁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନୁ ମାଝୀଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଲାଲଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖନ୍ତାପଡ଼ା ପୁଲିସ ଶବ ଜବତ କରିବା ସହିତ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ନିଯୁକ୍ତିରେ ଅନିୟମିତତା ନେଇ ଧାରଣା ଦେଲେ ମହିଳା

ସୋର, ୧୮।୩(ସମିସ): ସିଆରପି, ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା ନେଇ ସୋର ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଭବନ ଆଗରେ ମହିଳାମାନେ ଧାରଣାରେ ବସିଥିଲେ। ସୋର ବ୍ଲକର ନଟାପଡ଼ା, ସାଜନପୁର, କେଦାରପୁର ଓ ବାଳଙ୍ଗ ପଞ୍ଚାୟତର ମହିଳାମାନେ ପଞ୍ଚାୟତରେ ସିଆରପି, ଏମବିକେ ଓ ବ୍ୟାଙ୍କମିତ୍ର ଚୟନରେ ଅନିୟମିତତା ହୋଇଥିବା ନେଇ ଧାରଣା ଦେଇଥିଲେ। ମହିଳାମାନଙ୍କ କହିବା କଥା ପୂର୍ବରୁ ଏହି ମହିଳାମାନଙ୍କର ସାର୍ଟିଫିକେଟ ଯାଞ୍ଚ କରିଯାଇଥିଲା ଏବଂ ସେମାନଙ୍କୁ କେବଳ ନିଯୁକ୍ତି ମିଳିବା କଥା। କିନ୍ତୁ ଏମାନଙ୍କୁ ନିଯୁକ୍ତି ନ ଦେଇ ଅନ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ପାଇଁ କୋଡ୍ ଅଫ୍ କଣ୍ଡକ୍ଟ ଲାଗୁହେବା ପରେ ରାତିରେ ସେମାନଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିବା ମହିଳା ମାନେ ଅଭିଯୋଗ କରି ମିଶନ ଶକ୍ତି ଭବନ ଆଗରେ ଧାରଣା ଦେଇଥିଲେ। ତେବେ ଯେଉଁମାନେ ଅନିୟମିତତା କରିଛନ୍ତି ସୋର ବିଡିଓ ତଦନ୍ତ କରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୁଣିଥରେ ଚୟନ କରିବାକୁ ମହିଳା ମାନେ ବିଡିଓଙ୍କ ନିକଟରେ ଦାବି କରିଛନ୍ତି।

# ଭାରସାମ୍ୟ ହରାଇ ଓଲଟିଲା ଡମ୍ଫର

ସୋର, ୧୮।୩(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବରଫକଳ ଛକ ନିକଟରେ ସୋମବାର ଅପରାହ୍ନରେ ଭାରସାମ୍ୟ ହରାଇ ଏକ ବେଆଇନ ପଥର ବୋଝେଇ ଡମ୍ଫର ଓଲଟି ପଡ଼ିଥିବା ବେଳେ ଏହାର ଚାଳକ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ସୋମବାର ଅପରାହ୍ନରେ ବାଗୁଡ଼ି ଖାଦାନରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଡମ୍ଫରଟି ବରଫକଳ ଛକ ନିକଟରେ ପୁଲିସ ଗାଡିକୁ ଦେଖି ଦ୍ରୁତ ଗତିରେ ଯାଉଥିବାବେଳେ ଏଠାରେ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ପୁଲିସ ଏହାର ଚାଳକକୁ ସେଠାରୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଗାଡିର କାଗଜପାତ୍ର ଯାଞ୍ଚ ପରେ ଡମ୍ଫରଟି ବେଆଇନ ଭାବେ ପଥର ଚାଲାଣ କରୁଥିବା ଜାଣିପାରି ଡମ୍ଫରଟିକୁ ଜବତ କରି ଥାନାରେ ରଖିଥିବା ବେଳେ ଏହାର ଚାଳକକୁ ଥାନାରେ ଅଟକ ରଖି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

**ଅବକାରୀ ଥାନା ନିକଟରେ ଚାଲିଛି ଚୋରାମଦ ବେପାର**

# ଅଭିଯୋଗ କରିବାରୁ ଗ୍ରାମବାସୀଙ୍କୁ ବ୍ୟବସାୟୀର ଧମକ

ବାଲେଶ୍ୱର(ଉତ୍ତର), ୧୮।୩ (ସମିସ): ବାଲେଶ୍ୱର ଜିଲ୍ଲା ସୀମାନ୍ତ ଭୋଗରାଇ ଅଞ୍ଚଳ ଏବେ ବେଆଇନ ନିଶା କାରବାରର ହବ୍ ପାଲଟିଛି। ପଶ୍ଚିମବଙ୍ଗ ମାର୍କା ବିଦେଶୀ ମଦଠାରୁ ଆରମ୍ଭ କରି ଦେଶୀ ମଦ ସହ ବ୍ରାଉନସୁଗର ଭଳି ନିଶା ଦ୍ରବ୍ୟ ଏବେ ଭୋଗରାଇ ବ୍ଲକର ପ୍ରତି ଗାଁ ଗାଁରେ ମିଳୁଛି। ପାନ ଦୋକାନ ଏବଂ ଗ୍ରୋସେରି ଦୋକାନରେ ଖୁଲମ ଖୁଲା ବିକ୍ରି ଚାଲିଛି। ଫଳରେ ଅଳ୍ପ ବୟସର ଯୁବକ ସହିତ ନିଶା ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅବକାରୀ ବିଭାଗ ଓ ପୁଲିସ ସବୁ ଜାଣି କେବଳ ଉପର ଠାଉରିଆ ଭାବେ ଚଢ଼ଉ କରୁଛନ୍ତି। ଗିରଫ ହେବା ପରେ ପୁଣି ସେହି ବ୍ୟବସାୟୀମାନେ ବେଲ୍‌ରେ ଆସି ବ୍ୟବସାୟ କରୁଛନ୍ତି। ସେହିପରି ଭୋଗରାଇ ଥାନା ଠାରୁ ମାତ୍ର ୨୦୦ମିଟର ଏବଂ ଅବକାରୀ ଥାନା ଠାରୁ ମାତ୍ର ୧୦୦ମିଟର ଦୂର ଦେହୁର୍ଦ୍ଧା ଉଦପଦା ଗ୍ରାମର ଏକ ହୋଟେଲ ପଛରେ ଦିର୍ଘ ବର୍ଷ ଧରି ଚାଲିଛି ଚୋରା ମଦ ବେପାର। ପୁଲିସ ଓ ଅବକାରୀ ବିଭାଗର ଅଧିକାରୀ ମାନଙ୍କ ଜ୍ଞାତସାରରେ ସମ୍ପୃକ୍ତ ବ୍ୟକ୍ତି ଜଣକ ବେଆଇନ ମଦ କାରବାର ଚଳାଉଥିବାବେଳେ ତା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଶେଷରେ ବାଧ ହୋଇ ସ୍ଥାନୀୟ ଗ୍ରାମବାସୀମାନେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ସ୍ଥାନୀୟ ଭୋଗରାଇ ଥାନା ଆଇଆଇସି ଏବଂ ଅବକାରୀ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଚୋରା ମଦ ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜେଲ୍ କୁ ଯିବା ପୂର୍ବରୁ ଅଭିଯୁକ୍ତ ଗୌତମ ଯେଉଁ ଗ୍ରାମବାସୀଙ୍କ ନେତୃତ୍ୱରେ ଅଭିଯୋଗ ହୋଇଥିଲା ସେମାନଙ୍କୁ ଜୀବନରୁ ମାରିଦେବା, ବିଭିନ୍ନ ମାମଲାରେ ଛନ୍ଦି ଦେବା ଭଳି ଧମକ ଦେଇଥିବା କଳ୍ପତରୁ ମଣ୍ଡଳ, ସୁକାନ୍ତ ଦାସ, ପ୍ରାଣକୃଷ୍ଣ ମଣ୍ଡଳ, ରଣଜିତ ରାଉତ, ବାସନ୍ତୀ ମଣ୍ଡଳ, ତରୁଣ କୁମାର ଦାସ, ଭବଶଙ୍କର ଗିରି, ପ୍ରଦୀପ ଗିରି, ହରିଶ୍ଚନ୍ଦ୍ର ଗିରି ପ୍ରମୁଖ ଅଭିଯୋଗ କରିଛନ୍ତି।

# ପଞ୍ଚଲିଙ୍ଗେଶ୍ୱର ମହୋତ୍ସବ ଉଦ୍‌ଯାପିତ



ପଞ୍ଚଲିଙ୍ଗେଶ୍ୱର, ୧୮।୩ (ସମିସ): ପଞ୍ଚଲିଙ୍ଗେଶ୍ୱର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଭୁପଦଙ୍କ ସଙ୍ଗୀତ ଦର୍ଶକଙ୍କ ବିମୋହିତ କରିଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ସମାଜସେବୀ ଜୟନ୍ତ ବେହେରାଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ମୁଖ୍ୟବକ୍ତା ବଳାଙ୍ଗି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରତ୍ନାକର ସିଂହ ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଯୋଗାନନ୍ଦ ଦାସ ଏବଂ ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଙ୍ଗ ରଞ୍ଜନ କୁମାର ଦାସ, ସଂଯୋଜକ ବିକାଶ କୁମାର ସାହୁ ଓ ସମ୍ପାଦକ ନାଗେଶ୍ୱର ନାୟକ ଉପସ୍ଥିତ ଥିଲେ। ଏହି ମହୋତ୍ସବକୁ ସଫଳ ରୂପାୟନ ପାଇଁ କମିଟି ସଦସ୍ୟ କମଳା କାନ୍ତ ମହାନ୍ତି, ବିଶ୍ୱମ୍ବର ରାଉଳ, ମଧୁମାଧବ ଜେନା, ସୌମ୍ୟରଞ୍ଜନ ଜେନା, ଜ୍ୟୋତିର୍ମୟ ରାଉତ, ଦୀପକ ରଞ୍ଜନ ଦାସ, ରାଧାମାଧବ ଜେନା, ବିକାଶ କୁମାର ବେହେରା, ତୁଷାର ଶତପଥୀ, ବଳରାମ ବିଶ୍ୱାଳ, ଅକ୍ଷୟକୁମାର ପାଣିଗ୍ରାହୀ, ଶୀତଳ ପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ବିଶ୍ୱନାଥ ଜେନା, ସନ୍ତୋଷ କୁମାର ବାରିକ, ବିବେକ କୁମାର ସ ପ୍ରମୁଖ ସହଯୋଗ କରିଥିଲେ।

# ବୁଲା ଗୋରୁ-ଗାଈଙ୍କ ପାଇଁ ନାହିଁ ରହିବା ବ୍ୟବସ୍ଥା

ଜଳେଶ୍ୱର, ୧୮।୩ (ସମିସ): ଜଳେଶ୍ୱର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ବୁଲା ଗୋରୁ, ଗାଈ, ବାଛୁରୀ, ଛେଳି, ମେଣ୍ଢା ଦିବା ରାତ୍ର ରାସ୍ତାରେ ବୁଲା ବୁଲି କରିବା ଓ ଶୋଇରହିବା ଭଳି ଘଟଣା ଦେଖିବାକୁ ମିଳେ। ଫଳରେ ବାରମ୍ବାର ଦୁର୍ଘଟଣା ଦେଖାଦେଇ ଆସୁଛି। ବିଶେଷ କରି ଜଳେଶ୍ୱର ସହର ମଧ୍ୟରେ ବୁଲା ଗୋରୁଗାଈଙ୍କ ସଂଖ୍ୟା ବହୁ ଅଧିକ। ଏ ସମ୍ପର୍କରେ ଜଳେଶ୍ୱରରେ ଏକ ଗୋଶାଳା ନିର୍ମାଣ ଲାଗି ଦାବି ହେଉଥିବା ବେଳେ କେହି କର୍ଣ୍ଣପାତ କରୁ ନ ଥିଲେ। ଏ ସମ୍ପର୍କରେ ପୌରପାଳ ପତୀପ ପ୍ରଧାନଙ୍କୁ ପଚାରିବାରୁ ଏକ ଗୋଶାଳାର ଆବଶ୍ୟକତା ସମ୍ପର୍କରେ ଜିଲ୍ଲାପାଳ ଓ ନଗର ଉନ୍ନୟନ ବିଭାଗକୁ ଜଣାଇ ଦିଆଯାଇଥିଲା। ବିଭାଗ ପକ୍ଷରୁ ଚିଠି ଅନୁଯାୟୀ ୫୬ କୋଟି ୮୦ଲକ୍ଷ ଟଙ୍କାର ଏକ ଡିପିଆରଥ ପ୍ରସ୍ତୁତ ହୋଇଛି। ଅତିଶୀଘ୍ର ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହେବାକୁ ଯାଉଥିବାରୁ ପ୍ରାୟ ୧ହଜାର ଗୋରୁ ଗାଈ ସେଥିରେ ରହିବାର ବ୍ୟବସ୍ଥା ହୋଇଛି। ପ୍ରକାଶ ଯୋଗ୍ୟ ଆନ୍ତରାଜ୍ୟ ଗୋ ଚାଲାଣକାରୀଙ୍କ ଗୋରୁ ଗାଈଙ୍କୁ ଲୋଟପ୍ଲାଜା ଲକ୍ଷ୍ମଣନାଥଠାରେ ଉଦ୍ଧାର କରାଯାଇ ସେମାନଙ୍କୁ ରକ୍ଷଣାବେକ୍ଷଣ ଲାଗି ବାଲେଶ୍ୱର ପଠାଯାଉଛି। ଏବେ ତାହା ଏଠାରେ ରଖାଯିବ ବୋଲି ଜଣାଯାଇଛି।

**ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ**

# ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ବଣ୍ଟନ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଭୋଗରାଇ, ୧୮।୩(ସମିସ)

ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ ଅନ୍ତର୍ଗତ ନିମାତପୁର ହାଟ ପଡ଼ିଆରେ ଅନୁଷ୍ଠିତ ପଞ୍ଚମୁଖି ହନୁମାନ ଜୀଉଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଓ ପଞ୍ଚକୁଣ୍ଡୀୟ ବଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଅବସରରେ ରବିବାର ସନ୍ଧ୍ୟାରେ ପୂଜ୍ୟପୂଜା ସହିତ ଗୁରୁଜନ ମାନଙ୍କୁ ବସ୍ତ୍ର ବିତରଣ ଉତ୍ସବ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସୋମବାର ପଞ୍ଚକୁଣ୍ଡୀୟ ବ୍ୱଶାନ୍ତି ମହାଯଜ୍ଞ ସହିତ ବିଶାଳ ଅନ୍ନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ହରିଶ୍ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବସ୍ତ୍ର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ଓ କବି ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ସଭାପତି ତଥା ଶିକ୍ଷାବିତ ଗୋପବନ୍ଧୁ ମହାପାତ୍ର, ପସରବିନ୍ଧା ସରପଞ୍ଚ ସୁମନ୍ତ କୁମାର ବେହେରା, ପୂର୍ବତନ ଅବିଭକ୍ତ ନିମାତପୁର ପଞ୍ଚାୟତ ସମିତି ସଦସ୍ୟ ହୃଷୀକେଶ ଭୂୟାଁ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳେଇ, ପଞ୍ଚାୟତ ସମିତି ସଦସ୍ୟ ଭଗବାନ ରଣା, ସମାଜସେବୀ ଧୀରେନ୍ଦ୍ର ଜେନା ଓ ଇଶ୍ୱର ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅମର ମହାନ୍ତି, ଦିଲୀପ କୁମାର ଦାସ, ସପନ ପଣ୍ଡା, ରାଧାକାନ୍ତ ପ୍ରଧାନ ଓ ଅନନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କବି ତଥା ସଙ୍ଗୀତଜ୍ଞ ପରମେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ତିନି ଶହରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ଅଙ୍ଗବସ୍ତ୍ର ବଣ୍ଟନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୋମବାର ପୂର୍ବାହ୍ନରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ବିଶାଳ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ଅଂଶଗ୍ରହଣ କରିଥିଲେ। ଯଜ୍ଞ ପୁରୋହିତ ପଣ୍ଡିତ ଉମେଶ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ପଣ୍ଡିତ ଓ ନୈଷ୍ଠିକ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲାବେଳେ ଉତ୍ସବ କମିଟିର ସଦସ୍ୟ ରମଣୀକାନ୍ତ ଦଳାଇ, ସନ୍ତୋଷ ଦାସ, ସୁବଳ ପରିଡ଼ା, ରବୀନ୍ଦ୍ର ଜେନା, ରାଧାଶ୍ୟାମ ଦେ, ଶରତ ଦଳାଇ, ରବୀନ୍ଦ୍ର ରଣା, ସୁଧୀର ଗିରି, ସୁରେଶ ଦତ୍ତ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ପଣପଣା ଡିଜିଟାଲ କ୍ରିକେଟ୍ ଲିଗ୍ ଉଦ୍‌ଯାପିତ




ଖନ୍ତାପଡ଼ା, ୧୮।୩(ସମିସ): ବାହାନଗା ବ୍ଲକ ପଣପଣା ମେଳନ ପଡ଼ିଆଠାରେ ଚାଲିଥିବା ଡିସିଏଲ ସିଜିନ-୨ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଜରଙ୍ଗୀ ଫାଇଟର୍ସ ବନାମ ବୀଣାପାଣି ସୁପର୍କିଙ୍ଗ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ବୀଣାପାଣି ସୁପର୍କିଙ୍ଗ ଟସ୍ ଜିତି ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲା। ବଜରଙ୍ଗୀ ଫାଇଟର ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ବୀଣାପାଣି ସୁପର୍କିଙ୍ଗ ୧୨ତମ ଓଭରରେ ୫ମ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ନୀଳଗିରି ବିଧାୟକ ଙ୍ଗ ସୁକାନ୍ତ କୁମାର ନାୟକ ଯୋଗଦେଇ ବିଜୟୀ ଟିମକୁ ନଗଦ ୩୦ ହଜାର ଟଙ୍କା ଓ ରନର୍ସ ଅଫ ଟିମକୁ ୨୬ ହଜାର ନଗଦ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ପଣପଣା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରଦୀପ ମହାନ୍ତି, ବିଶ୍ୱରଞ୍ଜନ ମହାପାତ୍ର, ନଗେଶ ନାୟକ, ମାନସ ରଞ୍ଜନ ମହାପାତ୍ର, ପୟେସ୍ ରଞ୍ଜନ ମହାପାତ୍ର, ଚିନ୍ମୟ ଦାସ, ବିଶ୍ୱଜିତ ଦାସ, କୃପାସିନ୍ଧୁ ଦାସ, ପିତାମ୍ବର ଧାମୁଡିଆ, ଆଶିଷ ମହାରଣା, ସତ୍ୟ ନାରାୟଣ ଧିନ୍ଧା, ଶତ୍ରୁଜିତ ମଣ୍ଡଳ, ଦୀପକ ମଲିକ, ପ୍ରସନ୍ନ ମହାପାତ୍ର, ବେଦାନ୍ତ ମଣ୍ଡଳ, କିଶୋର ବେହେରା, ବୁଦ୍ଧିରାମ ସିଂ, ଲୋଟନ ସାମଲ ପ୍ରମୁଖ ସହଯୋଗ କରିଥିଲେ। ରାଜୀବ ବେହେରା, ପୟେସ୍ ରଞ୍ଜନ ମହାପାତ୍ର ଖେଳ ପରିଚାଳନା କରିଥିଲେ।

# ଅଧାପନ୍ତରିଆ ବଙ୍କାଖଜୁରୀ-ଗୋପାଳପୁର ସଲ୍ଟ ରାସ୍ତା

**ବାହାନଗା,୧୮ ।୩(ସମିସ)**

ରାସ୍ତା ମଧ୍ୟରେ ବଡ଼ ବଡ଼ ଗଛ ଥିବା ବେଳେ ସରିପାରୁନି ଗଛ କାଟିବା ପ୍ରକ୍ରିୟା। ଗଛର ସଠିକ ମୂଲ୍ୟାୟନ ହୋଇପାରୁନଥିବା ବେଳେ ଦୀର୍ଘଦିନ ଧରି ବନ ବିଭାଗ ଏଷ୍ଟିମେଣ୍ଟ ଦେଉନଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ

## ରାସ୍ତା ନିର୍ମାଣରେ ଗଛ ବାଧକ

କାର୍ଯ୍ୟରେ ରାସ୍ତାରେ ଥିବା ବଡ଼ ବଡ଼ ଗଛ ବାଧକ ସାଜିଥିବା ବେଳେ ଅଧାପନ୍ତରିଆ ବାଲେଶ୍ୱର ବଙ୍କାଖଜୁରୀ ଗୋପାଳପୁର ସଲଟ ରୋଡ଼।

ସୂଚନା ଅନୁସାରେ, ବାଲେଶ୍ୱରରୁ ଗୋପାଳପୁର ଦେଇ ଗୁଡ଼କୁ ସଂଯୋଗ କରୁଥିବା ରାସ୍ତା ଉପରେ ଯାତାୟତ ପାଇଁ ପ୍ରତିଦିନ ହଜାର ହଜାର ଲୋକେ ନିର୍ଭର କରିଥାନ୍ତି। ରାସ୍ତାଟି ଖରାପ ହୋଇଯିବା କାରଣରୁ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ବଙ୍କାଖଜୁରୀ ଠାରୁ ଗୋପାଳପୁର ୨୩ କି.ମି ୪୦୦ ମିଟର ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଛି। ଏହି ରାସ୍ତା ପାଇଁ ବିଭାଗ ପକ୍ଷରୁ ୨୧ କୋଟି ୬୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହି କାର୍ଯ୍ୟକୁ ଏସବିବି କଂଷ୍ଟ୍ରକସନ ନାମକ ଠିକା ସଂସ୍ଥା ଟେଣ୍ଡର ନେଇଛି। ହେଲେ ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଗଛ ଥିବାରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ସମସ୍ୟା ଉପୁଜିଛି। ଅନ୍ୟପଟେ ବାଲେଶ୍ୱର ବନଖଣ୍ଡ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ପକ୍ଷରୁ ଏହି ରାସ୍ତାରେ ୧୩୭୧ ଗୋଟି ଗଛ ଥିବାର ଗଣତି ସରିଥିବା ବେଳେ ଗଛ କଟାଯିବା ଏବଂ ନୂତନ ବନୀକରଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟପନ୍ଥା ସହ ଏଷ୍ଟିମେଣ୍ଟ ପୂର୍ତ୍ତ ବିଭାଗକୁ ଦିଆ ନ ଯାଇ ବିଭାଗ ମନ୍ଥର ଗତିରେ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ସେପଟେ ରାସ୍ତାଟି ଅତ୍ୟନ୍ତ ଖରାପ ଥିବାରୁ ଠିକାସଂସ୍ଥା ଅଗ୍ରିମେଣ୍ଟ ମୁତାବକ ସଠିକ ସମୟରେ କାର୍ଯ୍ୟ ସାରିବା ପାଇଁ ଯେନତେଣ ପ୍ରକାରେ ରାସ୍ତାରେ ଗଛ ଥିବା ସ୍ଥଳେ ଗଛକୁ ରଖି ରାସ୍ତା ନିର୍ମାଣ କରିବାକୁ ବାଧ୍ୟ ହେଉଛି। ସେହିପରି ବାଲେଶ୍ୱର ବନଖଣ୍ଡ ପକ୍ଷରୁ ଗଛକଟା ଏବଂ ନୂତନ ବନୀକରଣ ବାବଦରେ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ଏଷ୍ଟିମେଣ୍ଟ ଏଯାଏଁ ସାରିପାରୁନାହିଁ। ରାସ୍ତାରେ ଗଛ ରଖି ରାସ୍ତା ସଂପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ଗଛ କଟା ସମୟରେ ପୁଣି ନିର୍ମାଣ ହୋଇଥିବା ରାସ୍ତା ନଷ୍ଟ ହେବାର ଆଶଙ୍କା ରହିଛି। ଅନ୍ୟପଟେ ବିଭାଗୀୟ ପୂର୍ତ୍ତ ବିଭାଗର ଯନ୍ତ୍ରୀ ତାପସ ତରାଇଙ୍କୁ ପଚାରିବାରୁ ସେ କୁହନ୍ତି ବନ ବିଭାଗ ଏଷ୍ଟିମେଣ୍ଟ ଦେଲେ ଟଙ୍କା ଜମା ଦିଆଯାଇ ଗଛ କଟାଯାଇପାରନ୍ତା। ରାସ୍ତାଟି ନଷ୍ଟ ହୋଇଯାଇଥିବା କାରଣରୁ ଲୋକଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ କରାଯାଉଛି। ସେହିପରି ଟେଣ୍ଡର ନେଇଥିବା ଏସବିବି କଂଷ୍ଟ୍ରକସନ ଠିକା ସଂସ୍ଥାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ସେ କୁହନ୍ତି ଏଗ୍ରିମେଣ୍ଟ ମୁତାବକ ସମୟ ଅନୁସାରେ କାର୍ଯ୍ୟ ସାରିବାକୁ ପଡ଼ିବ। ଏଗ୍ରିମେଣ୍ଟ ଅନୁସାରେ ରେ ଗଛ କାଟିବା ଏବଂ ଲଗାଇବା ବାବଦରେ ଟଙ୍କା ଜମା କରିବାକୁ ଆମେ ପ୍ରସ୍ତୁତ ଅଛୁ ,ହେଲେ ବନ ବିଭାଗର ବାଲେଶ୍ୱର ବନଖଣ୍ଡ ପକ୍ଷରୁ କେତେ ଟଙ୍କା ଖର୍ଚ୍ଚ ହେବ ଏଷ୍ଟିମେଣ୍ଟ ଦେଉନଥିବାରୁ କାର୍ଯ୍ୟ ଅଧାପନ୍ତରିଆ ହେବା ସହ ସମସ୍ୟା ଉପୁଜୁଛି। ଏ ନେଇ ବାଲେଶ୍ୱର ବନଖଣ୍ଡ ଅଧିକାରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଅନ୍ୟପଟେ ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।



# ଚନ୍ଦନେଶ୍ୱରେ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ



**ଚନ୍ଦନେଶ୍ୱର, ୧୮ ।୩(ସମିସ):** ଚୈତ୍ର ମାସର ପ୍ରଥମ ସୋମବାର ଅବସରରେ ଚଳଚଞ୍ଚଳ ହୋଇ ଉଠିଛି ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ଭୋଗରାଇର ବାବା ଚନ୍ଦନେଶ୍ୱରଙ୍କ ମନ୍ଦିର। ବାବା ଚନ୍ଦନେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିର ପ୍ରାଙ୍ଗଣରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପ୍ରତିବର୍ଷ ଏହି ଦିନ ଓଡ଼ିଶା ସମେତ ପଡୋଶୀ ରାଜ୍ୟର ଲୋକେ ଆସି ବାବା ଚନ୍ଦନେଶ୍ୱରଙ୍କୁ ଦର୍ଶନ କରିଥାନ୍ତି। ସୋମବାର ପଶ୍ଚିମବଙ୍ଗ, ବିହାର ରାଜ୍ୟରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସେପଟେ ଭକ୍ତମାନେ ଶୃଙ୍ଖଳିତ ଭାବେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଶ୍ରୀଜିଉଙ୍କୁ ଦର୍ଶନ କରି କ୍ଷୀର ପଇଡ଼, ବେଲପତ୍ର ଅର୍ପଣ କରିଛନ୍ତି। ଭୋର ୪ଟାରୁ ମନ୍ଦିରର ନୀତିକ୍ରାନ୍ତି ଶେଷ ହେବା ପରଠାରୁ ମନ୍ଦିରରେ ପ୍ରବଳ ଭିଡ଼ ଲାଗିବା ସହ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ଭକ୍ତମାନେ ମନ୍ଦିର ପ୍ରାଙ୍ଗଣରେ ଲମ୍ବା ଲାଇନ ଲଗାଇଥିଲେ। ଭୋର ୪ଟାରେ କବାଟ ଫିଟା ନୀତି, ଦ୍ୱାରପାଳ, ସୂର୍ଯ୍ୟ, ନନ୍ଦୀ ପୂଜା ପରେ ଗର୍ଭଗୃହ ମାର୍ଜନା ପରେ ଶ୍ରୀ ଜିଉଙ୍କର ମଙ୍ଗଳ ଆଳତି କରାଯାଇ ମହାସ୍ନାନ ଏବଂ ସେବାପୂଜା ନିତୀ ଅନୁଷ୍ଠିତ, ତା ପରେ ସାହାଣମେଳା ଦର୍ଶନ ନିମନ୍ତେ ସମସ୍ତ ସେବାୟତମାନେ ଦ୍ୱାର ଫିଟାଇଥିଲେ। ସକାଳେ କାଳବୈଶାଖୀର ପ୍ରଭାବକୁ ମଧ୍ୟ ଶ୍ରଦ୍ଧାଳୁଙ୍କର ଖାତିର ନ ଥିଲା। ହଠାତ୍ ବଦଳିଥିଲା ପାଗ। ସକାଳୁ ସକାଳୁ ମାଡି ଆସିଲା କଳାହାଣ୍ଡିଆ ମେଘ। ପ୍ରବଳ ବର୍ଷା ସହ ପବନ ଓ ବିଜୁଳି ଘଡ଼ଘଡ଼ି ହୋଇଥିଲା।

# ୩ ଶହ ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ବଣ୍ଟନ

**ଭୋଗରାଇ,୧୮ ।୩ (ସମିସ):** ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ ଅନ୍ତର୍ଗତ ନିମାତପୁର ହାଟ ପଡିଆରେ ଅନୁଷ୍ଠିତ ସଙ୍କଟ ମୋଚନ ଶ୍ରୀଶ୍ରୀ ପଞ୍ଚମୁଖି ହନୁମାନ ଜୀଉଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ରବିବାର ସନ୍ଧ୍ୟାରେ ପୂଜ୍ୟପୂଜା ସହିତ ଗୁରୁଜନ ମାନଙ୍କୁ ବସ୍ତ୍ର ବିତରଣ ଉତ୍ସବ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ହରିଶ୍ଚନ୍ଦ୍ର ପରିଡ଼ାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବସ୍ତ୍ର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ଓ କବି ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ସଭାପତି ତଥା ଶିକ୍ଷାବିତ ଗୋପବନ୍ଧୁ ମହାପାତ୍ର, ପସରବିନ୍ଧା ସରପଞ୍ଚ ସୁମନ୍ତ ବେହେରା, ପୂର୍ବତନ ଅବିଭକ୍ତ ନିମାତପୁର ପଞ୍ଚାୟତ ସମିତି ସଦସ୍ୟ ହୃଷିକେଶ ଭୂୟାଁ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳେଇ, ପଞ୍ଚାୟତ ସମିତି ସଦସ୍ୟ ଭଗବାନ ରଣା, ସମାଜସେବୀ ଧୀରେନ୍ଦ୍ର ଜେନା ଓ ଈଶ୍ୱର ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅମର ମହାନ୍ତି, ଦିଲ୍ଲୀପ କୁମାର ଦାସ, ସ୍ୱରୀତ ସପନ ପଣ୍ଡା,ରାଧାକାନ୍ତ ପ୍ରଧାନ ଓ ଅନନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ବୀର ବଜରଙ୍ଗ ବଳୀ ପଞ୍ଚମୁଖୀ ହନୁମାନ ଜୀଉଙ୍କ ଅଲୌକିକ ମହିମା ଓ ସମସ୍ତ ଜନସାଧାରଣଙ୍କ ପ୍ରତି ଅମାପ ଆଶୀର୍ବାଦ ବିଷୟରେ ଆଲୋଚନା କରିଥିଲେ। କବି ତଥା ସଙ୍ଗୀତଜ୍ଞ ପରମେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ତିନି ଶହରୁ ଉହରୁ ବୃଦ୍ଧବୃଦ୍ଧାଙ୍କୁ ଅଙ୍ଗବସ୍ତ୍ର ବଣ୍ଟନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ପଲିଥିନ ତଳେ ବିତୁଛି ଦିନ

# ଆବାସ ଯୋଜନାରେ ଘର ଖଣ୍ଡିଏ ଦାବି

**ରାଜଘାଟ,୧୮ ।୩(ସମିସ):** ବ୍ଲକ୍‌ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳୁନି। ଫଳରେ ଭାଗ୍ୟକୁ ଆଦରି ଛିଣ୍ଡା ପଲିଥିନ ତଳେ ମୁଣ୍ଡ ଗୁଞ୍ଜିଛନ୍ତି ବସ୍ତାବ୍ଲକ୍ ସନ୍ତୋଷପୁର ପଞ୍ଚାୟତ ବେଣାପୁରା ଗ୍ରାମର ହରିପ୍ରିୟା ମହାପାତ୍ର। ହରିପ୍ରିୟାଙ୍କ ପରିବାର କହିଲେ ସ୍ୱାମୀ ରତ୍ନାକର ମହାପାତ୍ର, ଦୁଇ ପୁଅ ଓ ବୁଢ଼ା ବାପାମାଆ। ୬ପ୍ରାଣୀ ଏକ ଭଙ୍ଗାଘରେ ପଲଥିନ ଟାଙ୍ଗି ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଖରା ହେଉ କି ବର୍ଷା, ଭାଗ୍ୟକୁ ଆଦରି ସେହି ଭଙ୍ଗା ଦଦରା ଘରେ ସେମାନେ ପଡ଼ିରହିଛନ୍ତି। ବର୍ଷା ଦିନେ ଘରେ ଚୁଲି ଜଳେନି। ମାଆ ବିଷ୍ଣୁପ୍ରିୟାଙ୍କୁ ୭୫ବର୍ଷ ହେଲାଣି, ତାଙ୍କୁ କେବଳ ଭତ୍ତା ମିଳୁଛି। ୨୫ବର୍ଷ ତଳେ ଆବାସ ଯୋଜନାରେ ବିଷ୍ଣୁପ୍ରିୟାଙ୍କୁ ଘରଟିଏ ମିଳିଥିଲା। ଏବେ ସେହି ଆଜବେଷ୍ଟର୍ସ ଛାତ ଭାଙ୍ଗିରୁଜି ଗଲାଣି। ଛାତରୁ ପ୍ଲାଷ୍ଟର ଖଣ୍ଡ ଖଣ୍ଡ ହୋଇ ଖସୁଛି। ସେହି ଘରେ ରହିବା ଅନୁପଯୋଗୀ ହୋଇ ପଡ଼ିଛି। ଏବେ ପଲିଥିନ ଛପର ଘରେ ଗୁରୁ ଛେଳି ନେଇ ସପରିବାର ରହୁଛୁ ବୋଲି କୋହଭରା କଣ୍ଠରେ କହିଛନ୍ତି ହରିପ୍ରିୟା। ପୂର୍ବରୁ ଘର ମିଳିଥିବାରୁ ଆଉ ଘର ମିଳିବ ନାହିଁ ବୋଲି ସରକାରୀ ବାବୁ ରୋକ୍ ଠୋକ୍ ଶୁଣାଇ ଦେଉଛନ୍ତି। ମଜୁରୀ ଲାଗିଲେ ପରିବାର ଚଳେ ତେଣୁ, ଅର୍ଥ କେଉଁଠୁ ଆସିବ ଯେ ଘର କରିବୁ ବୋଲି ହରିପ୍ରିୟା କହିଛନ୍ତି।



# ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ନୀଳଗିରି,୧୮ ।୩ (ସମିସ):** ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତର ବଡ଼ନାଳ ଗ୍ରାମର ତ୍ରିଶକ୍ତି କ୍ଲବ ତରଫରୁ ଦୁଇଦିନିଆ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରେସିଡେଣ୍ଟ ସଞ୍ଜୟ ସିଂ,ସେକ୍ରେଟାରୀ ରମେଶ ସିଂ, ହୃଷିକେଶ ବାଗ, ସୁଦର୍ଶନ ମହୁରିଆଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ସନ୍ତୋଷ ଖଟୁଆ, କୃତିବାସ ବେହେରା, ଭଗବାନ ସାହୁ, ସରପଞ୍ଚ ସଞ୍ଜୀବ ସିଂ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ସୋରେନ ବ୍ରୋଦର ମଉଦା ଏବଂ ମୁରୁଲ୍ଲା ହାଲମ୍ ହାଡଗାର କାଦୁଆଣୀ ମଧ୍ୟରେ ଲଢେଇ ହୋଇଛି।

### ନାବାଳିକା କଲେଜ ଛାତ୍ରୀ ଅପହରଣ ଘଟଣା

# ମାମଲା ରୁଜୁ କରୁନି ବସ୍ତା ପୁଲିସ; ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

**ରୂପସା,୧୮ ।୩(ସମିସ):** ବସ୍ତା ଥାନା ଅଧୀନ ଛଚିନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ଅପହରଣ ଘଟଣାକୁ ୧୦ ଦିନ ବିତିଗଲାଣି। ନାବାଳିକାକୁ ଉଦ୍ଧାର କରିବାରେ ପୁଲିସ ବିଫଳ ହୋଇଛି। ଏଯାବତ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଥାନାରେ କୌଣସି ମାମଲା ରୁଜୁ ନ କରି ଚୁପ୍ ବସିଛି ବସ୍ତା ପୁଲିସ। ବାଧ୍ୟ ହୋଇ ନାବାଳିକାଙ୍କ ବାପା ନ୍ୟାୟ ପାଇଁ ସୋମବାର ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। +୨ଦ୍ୱିତୀୟ ବାର୍ଷିକ ପରୀକ୍ଷା ଦେବାକୁ ନାବାଳିକା ଛାତ୍ରୀ ଜଣକ ଗତ ୯ ତାରିଖ ରେ ଛଚିନା ଚିନ୍ତାମଣି ମହାବିଦ୍ୟାଳୟକୁ ଯାଇଥିଲେ। ବସ୍ତା ଥାନା ଓଲାଡ଼ି ଗ୍ରାମର ଯୁବକ ହିମାଂଶୁ ମହାନ୍ତି କଲେଜ ନିକଟରୁ ଛାତ୍ରୀକୁ ଅପହରଣ କରିଥିବା ନେଇ ଗତ ୧୧ତାରିଖରେ ବସ୍ତା ଥାନାରେ ଅଭିଯୋଗ ହୋଇଥିଲା। ଆସନ୍ତା ୨୦ ତାରିଖରେ ଛାତ୍ରୀ ଜଣଙ୍କର ଅନ୍ୟ ଏକ ପରୀକ୍ଷା ଥିବାରୁ ନାବାଳିକାଙ୍କ ପରିବାରଲୋକେ ବାରମ୍ବାର ଥାନାକୁ ଯାଇ ହତାଶ ହୋଇଥିଲେ। ହିମାଂଶୁଙ୍କ ବାପା ଗୌରହରି, ଭିଣୋଇ ଛଚିନା ଗ୍ରାମର ଶଶିକାନ୍ତ ମହାପାତ୍ର ଓ ଭଉଣୀ ରିତାମଣୀଙ୍କ ସଲାସୁତୁରାରେ ହିମାଂଶୁ ନାବାଳିକା ଛାତ୍ରୀଙ୍କୁ ଅପହରଣ କରିଥିବା ଏତେଲାରେ ଦର୍ଶାଯାଇଛି। ନାବାଳିକାଙ୍କ ବାପା ସୋମବାର ଏସ୍‌ପିଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟିକୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ନାଥ କହିଛନ୍ତି। ବସ୍ତା ଥାନା ଆଇଆଇସି ଗୋବିନ୍ଦ ବେହେରା ନାବାଳିକା ଉଦ୍ଧାର ଦିଗରେ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି। ଅପରପକ୍ଷରେ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଶୀଘ୍ର ଝିଅକୁ ଉଦ୍ଧାର ପାଇଁ ପରିବାରଲୋକେ ପୁଲିସ ପ୍ରଶାସନକୁ ନିବେଦନ କରିଛନ୍ତି।

# ୪ ଦଫା ଦାବିରେ ବିଡିଓଙ୍କୁ ଦାବିପତ୍ର



**ରାଇବଣିଆ,୧୮ ।୩(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନ କୋଟସାହି ପଞ୍ଚାୟତର ପାଖାପାଖି ୨୦ଟି ମିଶନ ଶକ୍ତି ଗ୍ରୁପ୍‌ର ୧୦୦ଜଣ ମହିଳା ଜଳେଶ୍ୱର କଂଗ୍ରେସର ବ୍ଲକ୍ ସଭାପତି ରାଜୀବ କୁମାର ପରିଡ଼ାଙ୍କ ନେତୃତ୍ୱରେ ୪ଦଫା ଦାବିନେଇ ଜଳେଶ୍ୱର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳା ମାନଙ୍କ ମଧ୍ୟରେ ଦିପାଲି ନାଥ, ତିଳୋତ୍ତମା ଜେନା, ଅଳକା ନାଥ, ରେବତୀ ଦଳାଇ, କନକ ଲତା ଜେନା, କଲ୍ୟାଣୀ ନାଥ, କ୍ରୀଷ୍ଣା ବେହେରା, ମାଳତୀ ନାଥ, ମମତା ସେଠୀ ସୀମିତା ନାଥଙ୍କ ସହିତ ଗ୍ରୁପର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଏକତ୍ର ହୋଇଥିଲେ।

# ବଜ୍ରପାତରେ ମହିଳା ଅସୁସ୍ଥ

**ଚନ୍ଦନେଶ୍ୱର:୧୮ ।୩(ସମିସ):** ଚୈତ୍ର ମାସ ପ୍ରଥମ ସୋମବାର ଶିବମୟ ହୋଇଥିବା ବେଳେ କିଛି ସମୟ ପାଇଁ ସୂର୍ଯ୍ୟ ଲୁଚିଯାଇ ରାତ୍ରିର ଭ୍ରମ ସୃଷ୍ଟି ହୋଇଥିଲା। ଏହାସହ ପବନ ସହିତ ବର୍ଷା ଓ ଘଡ଼ଘଡି ହୋଇଥିଲା। ଏଥିରେ ବାଲେଶ୍ୱର ଜିଲ୍ଲା ଭୋଗରାଇର ପସରବିନ୍ଧା ପଞ୍ଚାୟତର ଅଭିମନ୍ୟୁ ଘଡ଼ାଇଙ୍କ ବୋହୂ ପୂର୍ଣ୍ଣିମା ଘଡାଇ (୨୩) ବଜ୍ରପାତର ଝଟକା ପାଇ ଅସୁସ୍ଥ ହୋଇଯାଇଥିଲେ। ପୂର୍ଣ୍ଣିମା ସକାଳେ ଶୁଖାଇଥିବା ଲୁଗା ଉଠାଇବାକୁ ଯାଇଥିବା ସମୟରେ ବଜ୍ରାଘାତର ଝଟକା ପାଇ ସଜ୍ଞାହୀନ ହୋଇଯାଇଥିଲେ। ପରିବାର ଲୋକ ସାଙ୍ଗେ ସାଙ୍ଗେ ଆମ୍ବୁଲାନ୍ସ ଡକାଇ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିବା ସୂଚନା ମିଳିଛି।

# ନିତାଇ ଗୌର ସାଧନ ସେବାୟତନରେ ବାର୍ଷିକ ଉତ୍ସବ



**ଜଳେଶ୍ୱର ବ୍ଲକ,୧୮ ।୩(ସମିସ):** ନଛିମପୁର ପଞ୍ଚାୟତ ସାହାଡ଼ାପଡ଼ା ଠାରେ ଶ୍ରୀଶ୍ରୀ ଚୈତନ୍ୟ ଚରିତାମୃତ ଗ୍ରନ୍ଥର ୪୦୦ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ବିନୋଦ କିଶୋର ଗୋସ୍ୱାମୀ ଦ୍ୱାରା ପ୍ରତିଷ୍ଠିତ ରାଧା ବଲ୍ଲଭ ଜଗନ୍ନାଥ ଜୀଉ ଓ ନିତାୟ ଗୌର ସାଧନ ସେବାୟତନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଉଦ୍‌ବୋଧକ ନନ୍ଦରାଜ କିଶୋର ଗୋସ୍ୱାମୀ ଉପସ୍ଥିତ ହୋଇ ଗୁରୁ ଶିଷ୍ୟ, ସଖା ସହ ଆତ୍ମିକ ମିଳନ ଓ ଆଧ୍ୟାତ୍ମିକ ମାର୍ଗ ଗ୍ରହଣ ହିଁ ସତସଙ୍ଗ ବୋଲି କହିଥିଲେ। ଭଗବାନଙ୍କ ଆଶ୍ରୀତ ହେବାକୁ ହେଲେ ଗୁରୁତତ୍ତ୍ୱ ଗ୍ରହଣ ବାଞ୍ଛନୀୟ। ଜିତେନ ଦାସ, ହରିହର ଦାସ, ହରି ଓମ୍ ଧର୍ମାମ୍ବଲମ୍ବି ଗୋପୀନାଥ ଜେନା, ଝାଡେଶ୍ୱର ମହାରାଜା ପ୍ରମୁଖ ପ୍ରବଚନ ଦେଇଥିଲେ। ଶନିବାର ସନ୍ଧ୍ୟାରେ ଘଟ ଉତ୍ତୋଳନ, ଆରତୀ ଧର୍ମ ସଭା ସହିତ ରବିବାର ମଙ୍ଗଳ ଆରତୀ, ଭଜନ କୀର୍ତ୍ତନ, ସମୂହ ଗୀତା ପାଠ, ଧର୍ମ ସଭା, ଗୁରୁ ଶିଷ୍ୟ ମିଳନ ଓ ଅନ୍ନ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଜଣ ଗରିବ ଲୋକଙ୍କୁ କମ୍ବଳ ମଶାରୀ ବଣ୍ଟନ କରା ଯାଇଥିଲା। ବୈଷ୍ଣବ ଧର୍ମାବଲମ୍ବୀ ବିଜୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ

**ବାଲେଶ୍ୱର,୧୮ ।୩ (ସମିସ):** ଫକୀରମୋହନ ମେଡିକାଲ କଲେଜ ହସପିଟାଲରେ ସ୍ୱାସ୍ଥ୍ୟସେବା ଏକ ବିପର୍ଯ୍ୟୟ ଅବସ୍ଥାକୁ ଚାଲିଯାଇଛି ବୋଲି ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକରେ ଉଦବେଗ ପ୍ରକାଶ ପାଇଛି। ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ସରକାରୀ ସ୍ୱାସ୍ଥ୍ୟସେବା ପାଇବା ପାଇଁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉପସ୍ଥାପିତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ରେମୁଣାରେ ଫକୀରମୋହନ ମେଡିକାଲ କଲେଜ ସଂଲଗ୍ନ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣାଧିନ ହସପିଟାଲକୁ ମାତ୍ର ୪ଟି ବିଭାଗକୁ ସ୍ଥାନାନ୍ତର କରାଯାଇଥିବାରୁ ରୋଗୀମାନେ ଜିଲ୍ଲା ମୁଖ୍ୟ ହସପିଟାଲରୁ ମେଡିକାଲ କଲେଜ ହସ୍ପିଟାଲକୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଯାତାୟତ କରିବାରେ ବ୍ୟାଘାତ ସୃଷ୍ଟି ହେଉଛି। ଜାତୀୟ ରାଜପଥରୁ ମୁଖ୍ୟ ରାସ୍ତା ପାଇଁ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବାଲେଶ୍ୱରରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାର ଛଅବର୍ଷ ପରେ ବି ହୃଦରୋଗ, ସ୍ନାୟୁରୋଗ ଓ ମୂତ୍ରାଶୟ ରୋଗ ପ୍ରଭୃତି ଗୁରୁତର ରୋଗର ଚିକିତ୍ସକ ନଥିବାରୁ ପୂର୍ବଭଳି ରୋଗୀମାନଙ୍କୁ କଟକ ଭୁବନେଶ୍ୱର ଯିବାକୁ ପଡୁଛି ବୋଲି ସମ୍ପାଦକ ଶ୍ରୀ ଦାସ ଅଭିଯୋଗ କରିଥିଲେ। ଗତବର୍ଷ ବାହାନଗା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ତୁରନ୍ତ ଆଶୁ ଚିକିତ୍ସା ଯୋଗାଇ ଦେଇଥିବା ପ୍ରଥମ ବ୍ୟାଚର ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରିବା ପ୍ରସ୍ତାବକୁ ମେଡିକାଲ କଲେଜର ପ୍ରଶାସକମାନେ ବିଭିନ୍ନ ଆଳରେ ବିଳମ୍ବିତ କରି ଚାଲିଛନ୍ତି। ସରକାରୀ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜନଗଣଙ୍କ ସହଯୋଗ ନିମିତ ନିବେଦନ କରୁଥିବା ବେଳେ ଏହି ଅଧିକାରୀମାନଙ୍କ ଅପରିଣାମଦର୍ଶୀ ନିଷ୍ପତି ଯୋଗୁଁ ସରକାରୀ ସ୍ୱାସ୍ଥ୍ୟସେବାରେ ହତାଶ ହୋଇ ବହୁ ରୋଗୀ ଘରୋଇ ଚିକିତ୍ସାଳୟରେ ଆଶ୍ରୟ ନେବାକୁ ବାଧ୍ୟ ହେଉଛନ୍ତି। ଆଲୋଚନାରେ ସୀତାରାମ ପ୍ରଧାନ, ଦୀନବନ୍ଧୁ ଲେଙ୍କା, ଇଂ. ହୃଷିକେଶ ସାହୁ, ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ,ଦାମୋଦର ନାୟକ,ଇଂ ବନମାଳୀ ନାୟକ,ଡ କେଶବ ଚରଣ ପଣ୍ଡା,ଅନ୍ତର୍ଯ୍ୟାମୀ ପ୍ରଧାନ,ପ୍ରମିତା ଦାସ,ଶ୍ୟାମସୁନ୍ଦର ଜେନା ଓ ଯଶୋଦାନନ୍ଦନ ଆଶ ପ୍ରମୁଖ ଜିଲ୍ଲାସ୍ତରରେ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ। ଚଳିତ ମାର୍ଚ୍ଚ ମାସ ଶେଷ ସପ୍ତାହରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାସ୍ତରୀୟ ସମାବେଶ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ବୈଠକରେ ଡ ତାରାକାନ୍ତ ନନ୍ଦ, ରବିନାରାୟଣ ଭୋଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଭାଗିରଥୀ ମହାନ୍ତି, କମଳାକାନ୍ତ ନାୟକ ଓ ବିଜନ ଦେ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦନା ବିଶ୍ୱାସ ଧନ୍ୟବାଦ ଦେଇଥିଲେ।

# ରୂପସା ରେଳ ଜଙ୍କସନ ପ୍ରତି ବୈମାତୃକ ମନୋଭାବ

**ରୂପସା,୧୮ ।୩(ସମିସ)**

ବାଲେଶ୍ୱର ଜିଲ୍ଲା ଅଧୀନ ରୂପସା ରେଳ ଜଙ୍କସନରେ ଦୀର୍ଘ ଦିନ ଧରି ସମସ୍ୟା ଲାଗି ରହିଛି। ଏ ସମ୍ପର୍କରେ ବାରମ୍ବାର ରେଳମନ୍ତ୍ରୀ ଓ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏଯାବତ୍ ସମାଧାନ ହୋଇପାରୁ ନାହିଁ। ରବିବାର ରୂପସା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରୂପସାସ୍ଥିତ ଶ୍ରୀଜଗନ୍ନାଥ ମଣ୍ଡପ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପରିଷଦର ସଭାପତି ଭଗବାନ ମହାପାତ୍ର ଅଧ୍ୟକ୍ଷତା କରି ଷ୍ଟେସନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଉପଦେଷ୍ଟା ବରଦାପ୍ରସନ୍ନ ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁଧାକର ଗିରି, ଉପସଭାପତି ନିରଞ୍ଜନ ପଣ୍ଡା ଶର୍ମା ଓ ସଂସାଦ ପ୍ରତିନିଧି ଶୁଭେଶ ନାୟକ ମଞ୍ଚାସିନ ହୋଇ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ରେଳ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ଏପ୍ରିଲରେ ରେଳରୋକ



## ଏପ୍ରିଲରେ ଆନ୍ଦୋଳନ ଚେତାବନୀ

ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ରୂପସା ଷ୍ଟେସନରେ ପୂର୍ବ ଭଳି ଡାଉନ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନର ରହଣି, ବାରିପଦା-ରୂପସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବା, ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଷ୍ଟେସନର ଉତ୍ତର କେବିନ ଠାରେ ଖୁବଶୀଘ୍ର ପ୍ରସ୍ତାବିତ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଦିଲ୍ଲୀ ଯାଉଥିବା କୌଣସି ଏକ ଟ୍ରେନର ରହଣି ହେବା ଏବଂ ଚାରି ନମ୍ବର ପ୍ଲାଟଫର୍ମରେ ନୂତନ ଟିକଟ ଭେଣ୍ଡିଂ ମେସିନ ସ୍ଥାପନ କରିବା, କୋଭିଡ ପୂର୍ବ ସମୟ ସାରଣୀ ମୁତାବକ ମେମୋ ଟ୍ରେନ ଚଳାଚଳ କରିବା, ପାସେଞ୍ଜର ଟ୍ରେନର ଭଡା ପୂର୍ବଭଳି ଲାଗୁ ହେବା, ଭଗବାନପୁର ରେଳଫାଟକ ଠାରୁ ବାମଡା ଫାଟକ ପର୍ଯ୍ୟନ୍ତ ଉତ୍ତର ପାର୍ଶ୍ୱରେ ସ୍ଥାୟୀ ରାସ୍ତା ନିର୍ମାଣ ହେବା ସମ୍ପର୍କିତ ଏକ ଦାବିପତ୍ର ଡିଆରଏମଙ୍କ ଉଦ୍ଦେଶ୍ୟରେ ଷ୍ଟେସନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରର ଅବିକଳ ନକଲ କେନ୍ଦ୍ର ରେଳ ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ, ରେଳବାଇ ଜେନେରାଲ ମ୍ୟାନେଜରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଏହି ସମ୍ମିଳନୀରେ ପରିଷଦର ଉପ ସଭାପତି ପ୍ରଫୁଲ୍ଲ କୁମାର ଜେନା, କୋଷାଧ୍ୟକ୍ଷ ଅନନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଜଗଦୀଶ ପଟ୍ଟନାୟକ ଓ ଗୋପାଳଚନ୍ଦ୍ର ସାହୁ, ସମ୍ପାଦକ ବାଞ୍ଛାନିଧି ଦେ, ପୂର୍ବତନ ସମିତି ସଭାପତି ହରେନ୍ଦ୍ର ଦାସ, ରାଧାକୃଷ୍ଣ ବେହେରା, ଫକୀରମୋହନ ପ୍ରଧାନ, ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର, ଚକ୍ରଧର ଆଚାର୍ଯ୍ୟ, ଜଗନ୍ନାଥ ସ୍ୱାଇଁ, ଉମାକାନ୍ତ ରଣା, ବିଧାନ ଚନ୍ଦ୍ର ରାୟ, ପ୍ରଶାନ୍ତ କୁମାର ମହାପାତ୍ର, ସନ୍ତୋଷ କୁମାର ବାରିକ ଙ୍କ ସମେତ ୭ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଯୁବବର୍ଗ ପାଇଁ ପ୍ରେରଣା ସାଜିଛନ୍ତି ଶୁଭାଶିଷ

# ଡ୍ରାଗନ୍ ଫ୍ରୁଟ ଫାର୍ମ କରି ହୋଇଛନ୍ତି ସ୍ୱାବଲମ୍ବୀ

ମୋରଡ଼ା, ୧୮ ।୩ (ଦୀପକ କୁମାର ବେହେରା): ପେସାରେ ଜଣେ ଇଂଜିନିୟର ହୋଇ ବି ସଫଳ ଚାଷୀ ଭାବରେ ଯୁବବର୍ଗଙ୍କ ପାଇଁ ପ୍ରେରଣା ସାଜିଛନ୍ତି ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତ ମାଇଗାଁର ଶୁଭାଶିଷ ବେରା। ନିଜର ଇଚ୍ଛାଶକ୍ତି ବଳରେ ଓଡ଼ିଶାର ସବୁଠୁ ବଡ଼ ଡ୍ରାଗନ ଫ୍ରୁଟ ଫାର୍ମ କରିଛନ୍ତି। ତାଙ୍କ ମୂଳ ଘର ପଶ୍ଚିମବଙ୍ଗର ହୋଇଥିବା ବେଳେ ବର୍ତ୍ତମାନ ସେ ଜୁଆଳିଭଙ୍ଗା ପଞ୍ଚାୟତର ମାଇଗାଁର ବାସିନ୍ଦା। ମେକାନିକାଲ ବିଭାଗରେ ଡିଗ୍ରୀ ଇଞ୍ଜିନିୟର ହୋଇ ସେ ପାରାଦ୍ୱୀପସ୍ଥିତ ଆଇଓସିଏଲରେ କାର୍ଯ୍ୟରତ ଥିଲେ; କିନ୍ତୁ ଚାଷ ପ୍ରତି ତାଙ୍କର ଅହେତୁକ ଆଗ୍ରହ ଥିବାରୁ ଚାକିରି ଛାଡି ଏକ ନିଆରା ଚାଷ ପାଇଁ ମନ ବଳାଇଲେ। ଏ ନେଇ ସାଙ୍ଗସାଥି, ସମ୍ପର୍କୀୟଙ୍କଠାରୁ ପରାମର୍ଶ ନେବା ପରେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୟୂରଭଞ୍ଜ ଜିଲାରେ ଔଷଧୀୟ ଡ୍ରାଗନ ଫ୍ରୁଟ ଚାଷ କରିବାକୁ ମନବଳାଇଲେ। ପରେ ଏହି ଚାଷ ସମ୍ପର୍କରେ ୟୁଟ୍ୟୁବ, ଗୁଗୁଲରେ ଅନୁଧ୍ୟାନ କରିବା ପରେ ମାଟି ପରୀକ୍ଷା କଲେ ଏବଂ ଜାଣିବାକୁ ପାଇଲେ ଯେ, ଉକ୍ତ ଚାଷ ପାଇଁ ଏହି ମାଟିର ପି.ଏଚ ଠିକ



ଏବଂ ଅନୁକୂଳ। ସେ ମାଇଗାଁଠାରେ ପ୍ରାଥମିକ ପର୍ଯ୍ୟାୟରେ ଗତ ୨୦୨୧ ମସିହାରେ ୨.୫ ଏକର ଜାଗାରେ ଡ୍ରିପିଙ୍ଗ ଇରିଗେସନ ପ୍ରଣାଳୀରେ ୪୫୦୦ ଡ୍ରାଗନ ଫ୍ରୁଟ ଗଛ ଲଗାଇଥିଲେ। ବର୍ତ୍ତମାନ ତାହା ୧୫ ଏକରରେ ପହଞ୍ଚାଇପାରିଛନ୍ତି। ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଚାରା ଲଗାଇବାର ୮ରୁ ୯ ମାସ ପରେ ତଥା ସେପ୍ଟେମ୍ବର



ମାସରେ ପ୍ରଥମେ ଅଢେଇ କ୍ୱିଣ୍ଟାଲ ଫଳ ଉତ୍ପାଦନ ହୋଇଥିଲା। ପରେ ଫୁଲ ଫୁଟିବାର ମାତ୍ର ଦେଢ଼ ମାସ ମଧ୍ୟରେ ଫଳ ଧରେ ବୋଲି କୁହନ୍ତି ଶୁଭାଶିଷ। ତେବେ ବର୍ତ୍ତମାନ ସୁଦ୍ଧା ସେ ୫ ଟନରୁ ଅଧିକ ଫଳ ଉତ୍ପାଦନ କରି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟ ଆୟ କରିଛନ୍ତି। ତେବେ ଚାଷୀ ଏବଂ ଯୁବପିଢ଼ି ଯଦି ଏହି ଚାଷ ପ୍ରତି ମନ ବଳାଇବେ ସେ ମାଗଣାରେ ତାଲିମ ଦେବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଚାକିରି ନ ପାଇ ଯେଉଁମାନେ ବେକାରୀ ସମସ୍ୟା ଦେଇ ଗତି କରୁଛନ୍ତି, ସେମାନେ ଅଳ୍ପ ଜାଗା ଓ ସ୍ୱଳ୍ପ ଟଙ୍କାରେ ମଧ୍ୟ ଏହି ଚାଷ କରି ରୋଜଗାରକ୍ଷମ ହୋଇପାରିବେ।

## ଚାଷୀଙ୍କୁ ଠିକ୍ ପରାମର୍ଶ ମିଳୁନି; ଖରିଫ ଧାନରେ ଅଜଣା ରୋଗ



ଖୁଣ୍ଟିଂ, ୧୮ ।୩(ସମିସ): ଗତ ୧୦ ତାରିଖରେ ଦୈନିକ 'ସକାଳ'ରେ 'ଅଜଣା ରୋଗରେ ଖରିଫ ଧାନ ଫସଲ ନଷ୍ଟ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପରେ ଶୁକୁଳି କୃଷି ବିଭାଗର ବି.ଏ.ଓ ଜ୍ୟୋତିଶ୍ରୀ ହୋ, ଓଭରସିୟର ଶ୍ରୀହରି ମହାନ୍ତ ଓ କୃଷକ ସାଥୀ କ୍ଷିରୋଦ ମହାନ୍ତ ଶିଆଳିଗୋଠାଣି ଗ୍ରାମରେ ପହଞ୍ଚି ଖରିଫ ଧାନ କିଆରୀଗୁଡିକ ଅନୁଧ୍ୟାନ କରିଥିଲେ। ବିଭାଗୀୟ ଅଧିକାରୀମାନେ ନିରାକରଣ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ପଟାସ ସାର ଓ ଫଙ୍ଗିସାଇଡ ବ୍ୟବହାର କରିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ତେବେ ଏହି ସାର ବ୍ୟବହାର କରିବା ଫଳରେ ଧାନ ଗଛଗୁଡିକ ଆଖିଦୃଶିଆ ଉନ୍ନତି ହୋଇ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

## ବିଶ୍ୱ କଲ୍ୟାଣାର୍ଥେ ସାତକୋଶିଆରେ ଅଷ୍ଟପ୍ରହରୀ ନାମଯଜ୍ଞ



ମହୁଲଡିହା, ୧୮ ।୩(ସମିସ): ଠାକୁରମୁଣ୍ଡା ବ୍ଲକ ଅଧୀନ ସାତକୋଶିଆ ଗ୍ରାମରେ ଶ୍ରୀ ଶ୍ରୀ ନିତାଇ ଗୌରଙ୍କ ପ୍ରଥମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏହି ନାମଯଜ୍ଞର ଶୁଭାଦିବାସ ୧୭ ତାରିଖ ସନ୍ଧ୍ୟାରେ ଶାସ୍ତ୍ରମତାନୁଯାୟୀ ଅଙ୍କୁରାରୋପଣ ହେବାପରେ ଆରମ୍ଭ ହୋଇ ୧୯ ତାରିଖରେ ନଗର ଭ୍ରମଣ କରି ସମାରୋପ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଓ ପଡ଼ୋଶୀ କେନ୍ଦୁଝର ଜିଲ୍ଲାର ୬ଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ସହ ମୋଟ ୧୨ଟି ସଙ୍କୀର୍ତ୍ତନ ମଣ୍ଡଳୀ, ବିରିଡିହା ମଠ ସାହିର କୁନି ବାବା ଓ ସ୍ଥାନୀୟ ଗୌରପ୍ରେମୀ ମଧୁସୂଦନ ରଣା ଅଂଶ ଗ୍ରହଣ କରିଛନ୍ତି। କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ନିତାଇ ଗୌର କମିଟିର ସଭାପତି ଜଗନ୍ନାଥ ବେହେରା ସମ୍ପାଦକ ମଧୁସୂଦନ ନାୟକ, କୋଷାଧ୍ୟକ୍ଷ ଟୁଟୁ ନାୟକ, ସଦସ୍ୟ ଦିଲ୍ଲୀପ କୁମାର ନାୟକ, ଦୁର୍ଯ୍ୟୋଧନ ନାୟକ, ଭାସ୍କର ଚନ୍ଦ୍ର ଗାହାଣ, ପ୍ରକାଶ ଚନ୍ଦ୍ର ନାୟକ, ଗଙ୍ଗାଧର ନାଏକ, ଦୈତ୍ୟାରୀ ପତି, ବଳଭଦ୍ର ନାୟକ, ଗଣେଶ୍ୱର ଦାସ, ଶିବଶଙ୍କର ନାୟକ, ମାୟାଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ମୃତକ ପରିବାରକୁ ବାରିପଦା ନଗରପାଳଙ୍କ ସହାୟତା



ମୋରଡ଼ା, ୧୮ ।୩(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ପଞ୍ଚାୟତର ବଳଦିଆ ଗ୍ରାମର ସୁଦାମ ରଣାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା; କିନ୍ତୁ ଆର୍ଥିକ ଦୁରାବସ୍ଥା ଯୋଗୁଁ ଏକାଦଶାହ କାର୍ଯ୍ୟ ସମ୍ପନ୍ନରେ ଅସାମର୍ଥ୍ୟ ହୋଇପଡ଼ିଥିଲେ। ସେହିପରି ମୋରଡ଼ାର ଅନ୍ୟଜଣେ ସ୍ତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ଦୁଶ୍ଚିନ୍ତାରେ ଥିଲେ। ଏହି ଘଟଣା ବିଜୁ ଜନତା ଦଳର ମୋରଡ଼ା ପର୍ଯ୍ୟବେକ୍ଷକ ତଥା ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ଦୃଷ୍ଟିକୁ ଆସିବା ପରେ ସଙ୍ଗେ ସଙ୍ଗେ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସମାଜସେବୀ ଘାସିରାମ ବେହେରାଙ୍କ ନେତୃତ୍ୱରେ ଟୁନା ମହାପାତ୍ର, ଦିଲ୍ଲୀପ ଧଳ, ସତ୍ୟବାନ ବେହେରା, ମନୋଜ କୁମାର ଧଳ, ମନୋରଞ୍ଜନ ରାଉତ ଏବଂ ଅନ୍ୟମାନେ ଉଭୟଙ୍କ ପରିବାର ନିକଟରେ ପହଞ୍ଚ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ।

## ବଜ୍ରପାତରେ ସ୍ୱାମୀ ମୃତ; ସ୍ତ୍ରୀ ଆହତ

ଠାକୁରମୁଣ୍ଡା, ୧୮ ।୩(ସମିସ): ସୋମବାର ସକାଳେ ବଜ୍ରପାତରେ ସ୍ୱାମୀ ମୃତ୍ୟୁବରଣ କରିଥିବା ବେଳେ ସ୍ତ୍ରୀ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଜରକ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଣିକ ସାହିର ବାଇଧର ସାମାଡ଼। ତାଙ୍କ ସ୍ତ୍ରୀ ବୁଧୁନି ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ସକାଳେ ବର୍ଷା ପବନ ସହିତ ବିଜୁଳି ମାରିଥିଲା। ବର୍ଷା ହେବା ଦେଖି ବାଇଧରଙ୍କ ସ୍ତ୍ରୀ ବୁଧୁନି ଘର ବାହାରେ ଶୁଖାଇଥିବା ଲୁଗାକୁ ଆଣିବାକୁ ଯାଇଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ବଜ୍ରପାତ ପରେ ବୁଧୁନି ତଳେ ପଡ଼ିଯିବା ଦେଖି ବାଇଧର ତୁରନ୍ତ ଉଦ୍ଧାର କରିବାକୁ ଯାଇଥିଲେ; ହେଲେ ପୁଣି ବଜ୍ରପାତ ହେବାରୁ ବାଇଧର ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ପରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା; କିନ୍ତୁ ଡାକ୍ତର ବାଇଧରଙ୍କୁ ମୃତ ଘୋଷଣା କରିଥିଲେ। ସ୍ତ୍ରୀ ବୁଧୁନି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ମହୁଲଡ଼ିହା ପୁଲିସ ପହଞ୍ଚି ବାଇଧରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ଠାକୁରମୁଣ୍ଡା ବ୍ଲକ ବିଜେପି କାର୍ଯ୍ୟକାର୍ତ୍ତା ସମ୍ମିଳନୀ

ମହୁଲଡିହା/ଠାକୁରମୁଣ୍ଡା, ୧୮ ।୩(ସମିସ): ଠାକୁରମୁଣ୍ଡା ବ୍ଲକ ବିଜେପିର କର୍ମକର୍ତ୍ତାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରବିବାର ଅୟୋଜିତ ସମ୍ମିଳନୀରେ କେନ୍ଦୁଝର ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ତଥା ପୂର୍ବତନ କେନ୍ଦ୍ର ଆଦିବାସୀ କମିଶନର ସଦସ୍ୟ ଅନନ୍ତ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ମୟୂରଭଞ୍ଜ ପଶ୍ଚିମ ରାଇରଙ୍ଗପୁର ସାଙ୍ଗଠନିକ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ମହୁଲଡ଼ିହା ମଣ୍ଡଳ ସଭପତି ଜଗଦୀଶ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ମହାନ୍ତ, ଜିଲ୍ଲା ଉପସଭାପତି ଦନାର୍ଦ୍ଦନ ବେହେରା, ସମ୍ପାଦକ ବିମଳ ସେନାପତି, ସମ୍ପାଦିକା ସୁନାମଣି ହୋ, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଯୁଗଳ ନାୟକ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀରେ ଠାକୁରମୁଣ୍ଡା ବ୍ଲକର ୧୮ ଟି ଶକ୍ତି କେନ୍ଦ୍ରର ବୁଥ ସ୍ତରୀୟ ସଭାପତି, ଶକ୍ତିକେନ୍ଦ୍ରଗୁଡ଼ିକର ପ୍ରମୁଖ ଓ ସହ ପ୍ରମୁଖ ସମେତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ବେତନଟୀ ଓ ବୈଶିଙ୍ଗା ଥାନା ପକ୍ଷରୁ ୨ଟି ଫ୍ଲାଇଂସ୍କ୍ୱାଡ୍ ଟିମ ଗଠିତ

## ବେଆଇନ କାମକୁ ରୋକିବ ଟିମ୍

ବେତନଟୀ/ବୈଶିଙ୍ଗା, ୧୮ ।୩(ସମିସ): ନିର୍ବାଚନ କମିଶନରଙ୍କ ପକ୍ଷରୁ ତାରିଖ ଘୋଷଣା ପରେ ଲାଗୁହୋଇଥିବା ଆଦର୍ଶ ଆଚରଣବିଧିକୁ ଦୃଷ୍ଟିରେ ରଖି ବେତନଟୀ ଏବଂ ବୈଶିଙ୍ଗା ଥାନା ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ଫ୍ଲାଇଂସ୍କ୍ୱାଡ ଟିମ୍ ଗଠନ କରାଯାଇଛି। ଏହି ଟିମରେ ମାଜିଷ୍ଟ୍ରେଟ ଭାବରେ କୃଷିବିଭାଗର ଅଧିକାରିଣୀ ସ୍ନେହାଶ୍ରୀ ସାହୁ, ସବଇନସ୍ପେକ୍ଟର ନିରଞ୍ଜନ ସେଠୀ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀ ରହିଛନ୍ତି। ସେହିଭଳି ବୈଶିଙ୍ଗା ଥାନା ନିମନ୍ତେ ହୋଇଥିବା ଫ୍ଲାଇଂସ୍କ୍ୱାଡ ଟିମରେ ମାଜିଷ୍ଟ୍ରେଟ ଭାବରେ ସମବାୟ ବିଭାଗର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବାଦଲ କୁମାର ସାହାଣୀଙ୍କୁ ନିଯୁକ୍ତ କରାଯାଇଛି। ବୈଶିଙ୍ଗା ଫ୍ଲାଇଂସ୍କ୍ୱାଡ ଟିମରେ ସବଇନସ୍ପେକ୍ଟର ଦେବାଶିଷ ମଣ୍ଡଳଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ରହିଛନ୍ତି। ତେବେ ଦୁଇଟି ଫ୍ଲାଇଂସ୍କ୍ୱାର୍ଡ ଟିମ୍ ବଡସାହି ନିର୍ବାଚନମଣ୍ଡଳୀ ଅଧୀନ ନିଜ ନିଜ ଥାନା ଇଲାକାରେ ସ୍ଥିତି ଉପରେ ନଜର ରଖିବା ସହିତ ଚଢାଉ କରିବେ। ନିର୍ବାଚନରେ ମତଦାତାଙ୍କୁ ପ୍ରଭାବିତ କରିବାକୁ ଟଙ୍କା, ମଦ କିମ୍ବା କୌଣସି ପ୍ରକାର ବେଆଇନ କାମ ଉପରେ ଚଢଉ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ସେହିଭଳି ମତଦାତାଙ୍କୁ ପ୍ରଭାବିତ କରିବା ଭଳି ସରକାରୀ କିମ୍ବା ବେସରକାରୀ ହୋର୍ଡିଂ, ବ୍ୟାନର କିମ୍ବା ପୋଷ୍ଟର ଗୁଡିକୁ ମଧ୍ୟ ଅପସାରଣ କିମ୍ବା ସିଲ୍ କରିବାର କାମ କରିବେ। ମୋଟାମୋଟି ଭାବରେ ନିର୍ବାଚନ ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟାକୁ ଶୃଙ୍ଖଳାର ସହିତ ସମ୍ପାଦିତ କରିବାକୁ ପୁରା ଅଞ୍ଚଳରେ ଫ୍ଲାଇଂସ୍କ୍ୱାଡ ଟିମ୍ ନଜର ରଖିବା ସହିତ ବେଆଇନଗତ କାର୍ଯ୍ୟକଳାପ ଉପରେ ଚଢଉ ଜାରି ରଖିବେ।

### ନିର୍ବାଚନ ପାଇଁ ପୁଲିସର ଚଢଉ ଜୋର୍‌ଦାର

## ପୁଣି ସହରରୁ ବେଆଇନ ମଦ ଜବତ; ୨ ଗିରଫ

ବାରିପଦା, ୧୮ ।୩(ସମିସ): ନିର୍ବାଚନ ତାରିଖ ଘୋଷଣା ହେବା ପରେ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାରିପଦା ସହରର



ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ମଦ କାରବାର ଉପରେ ଚଢଉ କରାଯାଇଛି। ଫଳରେ ସହରରୁ ପୁଣି ବ୍ୟାପକ ବେଆଇନ ମଦ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ବେଲଗଡ଼ିଆ ଅଞ୍ଚଳର ଅଭିନନ୍ଦନ ସାହୁ (୨୭) ଓ ଲିଟୁନ ସାହୁ (୨୯)। ସୂଚନା ଅନୁଯାୟୀ, ବାରିପଦା ସହରରେ ଥିବା ହୋଟେଲ, ଢାବା ଏବଂ ଫାଷ୍ଟଫୁଡ଼ ଦୋକାନରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ତେବେ ସାଧାରଣ ନିର୍ବାଚନ ପୂର୍ବରୁ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ନେତୃତ୍ୱରେ ବେଆଇନ ମଦ କାରବାରକୁ ରୋକିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ରବିବାର ଚିପଟ ଅସ୍ତିଆ ଅଞ୍ଚଳରେ ସ୍ଥିତ ହୋଟେଲ ୱେଲକମରେ ପୁଲିସ ଚଢ଼ଉ କରି ୩୦୦ଲିଟରରୁ ଅଧିକ ଦେଶୀ ଏବଂ ୧୦୦ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ମଦ ଜବତ ହୋଇଛି। ବେଆଇନ ମଦ କାରବାରକୁ ନେଇ ବାରିପଦା ଟାଉନ ଥାନାରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପରିବାର' ପ୍ରଶିକ୍ଷଣ ଶିବିର



ବାରିପଦା, ୧୮ ।୩(ସମିସ): ରବିବାର ତୁଳସୀ ଚଉରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ବିଭାଗର 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପରିବାର' ପ୍ରଶିକ୍ଷଣ ଶିବିର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣରେ ମୁଖ୍ୟଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡା ଯୋଗଦେଇ ଅନୌପଚାରିକ ଶିକ୍ଷା ଓ ଔପଚାରିକ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଶିଶୁ ବିଦ୍ୟା ମନ୍ଦିରର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ବାଟିକା ପ୍ରମୁଖ ବିଷ୍ଣୁଚରଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂକୁଳ ଶିଶୁବାଟିକା ପ୍ରମୁଖ ଆଚାର୍ଯ୍ୟା ଅପର୍ଣ୍ଣା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶକୁନ୍ତଳା ଆଚାର୍ଯ୍ୟ, ସବିତା ଘୋଷ, ଦୀପ୍ତି କୁଅଁର ବାବୁ, ମାଣିକେଶ୍ୱରୀ କୁଅଁର ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆଚରଣ ବିଧି ଲାଗୁପରେ ହଟିଲା ହୋର୍ଡିଂ, ବ୍ୟାନର

ବେତନଟୀ, ୧୮ ।୩(ସମିସ): ସାଧାରଣ ନିର୍ବାଚନ-୨୦୨୪ ତାରିଖ ଘୋଷଣା ହେବା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଫଳରେ ବେତନଟୀର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂ ଓ ବ୍ୟାନରକୁ ହଟାଯାଇଛି। ବିଭିନ୍ନ ସରକାରୀ ଯୋଜନା ତଥା ପ୍ରକଳ୍ପ ସମ୍ପର୍କୀତ ହୋର୍ଡିଂ, ବ୍ୟାନରକୁ ସମ୍ପୃକ୍ତ ବିଭାଗ ପକ୍ଷରୁ ଖୋଲିଦିଆ ଯାଉଛି;ନଚେତ ପଲିଥିନ ଦେଇ ସିଲ୍ କରି ଦିଆଯାଉଛି। ଏହି ଅଭିଯାନ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ଲାଗିଥିବା ବ୍ୟାନର ଏବଂ ହୋର୍ଡିଂକୁ ମଧ୍ୟ ହଟାଯାଇଛି। ସେହିପରି ବେତନଟୀ ଡାକ୍ତରଖାନା ପରିସରରେ ଲାଗିଥିବା ବ୍ୟାନର ଏବଂ ହୋର୍ଡିଂ ଗୁଡିକୁ ମଧ୍ୟ ରବିବାର କାଢିଦିଆଯାଇଛି। ତେବେ ବିଭିନ୍ନ ସରକାରୀ ଯୋଜନା ଯେଉଭଳି ଭାବରେ ମତଦାତା କୌଣସି ପ୍ରକାରେ ପ୍ରଭାବିତ ହେବେନାହିଁ ସେହି ଉଦ୍ଦେଶ୍ୟରେ ନିର୍ବାଚନ କମିଶନ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗକୁ ସମସ୍ତ ସରକାରୀ ହୋର୍ଡିଂ, ବ୍ୟାନରଗୁଡିକୁ ଖୋଲାଯିବ ନଚେତ ଆବଶ୍ୟକସ୍ଥଳରେ ପଲିଥିନ ଦେଇ ଘୋଡାଇ ଦିଆଯିବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜ ଜ୍ୟୋତି ରଥକୁ ଭବ୍ୟ ସ୍ୱାଗତ

ଶୁଳିଆପଦା, ୧୮ ।୩(ସମିସ): ଚଳିତ ବର୍ଷ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଜ୍ୟୋତି ରଥ ତିନିଦିନ ବ୍ୟାପୀ ମୟୂରଭଞ୍ଜ ଜିଲ୍ଲା ପରିଭ୍ରମଣ କରୁଥିବା ବେଳେ ଆଜି ସନ୍ଧ୍ୟାରେ ବ୍ଲକ ଅଧୀନ ମୁଖ୍ୟ ସ୍ଥାନରେ ଏହି ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ରଥ ଶୁଳିଆପଦା ବ୍ଲକ ଅଧିନ ବାଘଡା, କୋଷ୍ଠାରୁ ଶୁଳିଆପଦାରେ ପହଞ୍ଚି ଥିବାବେଳେ ଦେଉଳିଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଭିନ୍ନ ବର୍ଗର ଜନସାଧାରଣ ସ୍ୱାଭିମାନୀ ମୟୂରଭଞ୍ଜବାସୀ ଆଞ୍ଚଳିକତା ଭୁଲି ଏକଜୁଟ ହେବା ଏବଂ ଗୌରବମୟ ଭଞ୍ଜମାଟିର ପୂର୍ବ ଗାରିମାକୁ ଅକ୍ଷୁଣ୍ଣ ରଖିବା ବାର୍ତ୍ତା ବହନ କରି ଜିଲ୍ଲା ପରିକ୍ରମା କରୁଥିବା ଏହି ଜ୍ୟୋତିରଥକୁ ସ୍ୱାଗତ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ମେଳା କମିଟି ଅଧ୍ୟକ୍ଷ ଅରିନ୍ଦମ ଦାସ୍, ସଦସ୍ୟ



## ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ; କାର୍ଯ୍ୟାନୁଷ୍ଠାନ ଶୂନ୍

ବେତନଟୀ, ୧୮ ।୩(ସମିସ): ବ୍ୟସ୍ତବହୁଳ ୧୮ ନଂ. ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଯାନବାହନ ଚଳପ୍ରଚଳ କରୁଥିବା ବେଳେ ପରିବର୍ତ୍ତିତ ମୋଟରଯାନ ଆଇନକୁ ନେଇ ବିଭାଗ ପକ୍ଷରୁ କେବଳ ହେଲମେଟ ଏବଂ ଓଭରସ୍ପିଡ ଫାଇନରେ ଆଦାୟରେ ସୀମିତ ରହୁଛି। ହେଲେ ମାଲବାହୀ ଗାଡିରେ ଖୋଲାଖୋଲି ଭାବେ ଯାତ୍ରୀ ପରିବହନ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସୂଚନା ମୁତାବକ, ପରିବହନ ବିଭାଗ ପକ୍ଷରୁ ଇଣ୍ଟରସେପ୍ଟର ଗାଡିକୁ ପ୍ରତ୍ୟେକଦିନ ବେତନଟୀ ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ ନିକଟରେ ମୁତୟନ କରାଯାଉଛି। ତେବେ ଏହି ଗାଡି କେବଳ ହେଲମେଟ ଚେକିଂ କରିବା ସହିତ ଓଭରସ୍ପିଡ ଗାଡିଗୁଡିକର ଫଟୋ ଉଠାଇ ଫାଇନ କାଟୁଛି। ମାତ୍ର ସେହି ଇଣ୍ଟରସେପ୍ଟର ଗାଡି ସାମ୍ନା ଦେଇ ମାଲବାହୀ ଗାଡିରେ ଯାତ୍ରୀ ପରିବହନ



ହେଉଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏ ନେଇ ଜନସାଧାରଣ ପ୍ରତିବାଦର ସ୍ୱର ଉଠାଉଛନ୍ତି। ଗୋଟିଏ ପଟେ ହେଲମେଟ ଏବଂ ଓଭରସ୍ପିଡ ପାଇଁ ବାଇକ ଚାଳକ ଏବଂ ଅନ୍ୟାନ୍ୟ ଗାଡିଚାଳକଙ୍କୁ ହଜାର ହଜାର ଟଙ୍କାର ଦଣ୍ଡ ଗଣିବାକୁ ପଡୁଛି ; କିନ୍ତୁ ମାଲବାହୀ ଗାଡିରେ ଯାତ୍ରୀ ପରିବହନ ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରାଙ୍କୁ ଯୋଗାଯୋଗ କରିବାରୁ ଇଣ୍ଟରସେପ୍ଟର ଗାଡିକୁ କେବଳ ହେଲମେଟ, ଓଭରସ୍ପିଡ ଭଳି ଗାଡି ଗୁଡିକର ଡିସିଆର (ଫାଇନ) କାଟିବାକୁ ଅନୁମତି ଦିଆଯାଇଛି। ତେବେ ପରିବହନ ନିୟମ ଉଲ୍ଲଙ୍ଘନକରି ଯାତାୟାତ କରୁଥିବା ଗାଡିକୁ ରାସ୍ତାରେ ଅଟକାଇ ଯାଞ୍ଚ କରିବାର ଅନୁମତି ଦିଆଯାଇ ନାହିଁ। ଏଥିପାଇଁ ବିଭାଗର ଅନ୍ୟ ଏକ ଟିମ୍ କାର୍ଯ୍ୟକରୁଥିବା କହିଛନ୍ତି।

## ଯୁବ ସନ୍ତରଣକାରୀ ବାସୁଦେବଙ୍କୁ ମିଳୁନି ପ୍ରୋତ୍ସାହନ

କରଞ୍ଜିଆ, ୧୮ ।୩(ସମିସ); କଥାରେ ଅଛି ବଣମଲ୍ଲି ବଣରେ ଫୁଟି ମଉଳିଯାଏ। ଆଦର କେହି କରନ୍ତିନାହିଁ। ଏଭଳି ଜଣେ ଆଦିବାସୀ ବାଳକର ପହଁରିବାର ଦକ୍ଷତା ଏବଂ ଆଗ୍ରହ ରହିଛି। ଏପରିକି ଆଶା ଆଗକୁ ବଢ଼ିବାର ସ୍ୱପ୍ନ ମଧ୍ୟ ରହିଛି। ରାଜ୍ୟ ଏବଂ ଜାତୀୟସ୍ତରରେ ଭାଗ ନେବାକୁ ଆଗ୍ରହ ରହିଛି; କିନ୍ତୁ ସରକାରୀ ପ୍ରୋତ୍ସାହନ ଅଭାବରୁ ସଫଳ ପାଇପାରୁନାହାନ୍ତସ। ଏଭଳି ଜଣେ ଯୁବକ ହେଉଛନ୍ତି କରଞ୍ଜିଆ ବ୍ଲକର ଶିମିଳିପାଳ ଦୁର୍ଗମ ଜଙ୍ଗଲର ଦୁଧିଆଣି ପଞ୍ଚାୟତ ଠାକୁରଣା ପାଟଣା ଗ୍ରାମର ବାସୁଦେବ ସିଂ ଖୁଣ୍ଟିଆ। ବୟସ ମାତ୍ର ୧୬, ପିତା ସାଧୁଚରଣ ସିଂ ଖୁଣ୍ଟିଆ ବୃତ୍ତିରେ ଜଣେ କୃଷି ଶ୍ରମିକ। ଚାଷ କାମ



କରି ପରିବାର ପ୍ରତିପୋଷଣ କରନ୍ତି। ବାସୁଦେବ ପିଲାଟିଦିନରୁ ପହଁରିବା ଶିଖିଥିଲା। କ୍ରମେ ପହଁରିବା ଅଭ୍ୟାସରେ ପଡ଼ିଯାଇଥିଲା। ପରେ ପହଁରିବା ନିଶା ହୋଇଯାଇଥିଲା। ଏପରିକି ପ୍ରତ୍ୟେକ ଦିନ ଦୁଇ ଘଣ୍ଟା ପର୍ଯ୍ୟନ୍ତ ପହଁରିବା ଅଭ୍ୟାସ ଜାରି ରଖିଥିଲା। କବଳ ପହଁରିବା ତାର ଲକ୍ଷ୍ୟ ନ ଥିଲା, କିପରି ଦ୍ରୁତଗତିରେ ପହଁରିବ ସେଥିପ୍ରତି ସବୁବେଳେ ଦୃଷ୍ଟି ଦେଉଥିଲା। ବାସଦୁଦେବ ପୋଖରୀ ଏବଂ ନଦୀରେ ମଧ୍ୟ ପହଁରିବା ଅଭ୍ୟାସ ରଖିଥିଲା। ତେଣୁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ସେ ଜାତୀୟସ୍ତରରେ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

# ମାତିଛି ଗୋଠ ଛଡ଼ା ଦନ୍ତା



ଚୁରୁମୁଣ୍ଡା,୧୮।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜକୁ ରବିବାର ରାତିରେ ଗୋଠ ଛଡା ହାତୀ ପ୍ରବେଶ କରି ପାଟଣା ଓ ସାହାରପଡ଼ା ସେକ୍ସନ ଅଞ୍ଚଳରେ ଆତଙ୍କ ଖେଳାଇ ୪ ଜଣଙ୍କ ଘର ଭାଙ୍ଗିଦେଇଛି। ରବିବାର ରାତିରେ ଏହି ଗୋଠ ଛଡ଼ା ଦନ୍ତାଟି ଘଟଗାଁ ରେଞ୍ଜରୁ ପାଟଣା ରେଞ୍ଜକୁ ପ୍ରବେଶ କରି ଗୋବାରାବେଡା ଜଙ୍ଗଲରେ ଥିବା ଲେଖେନା ଗ୍ରାମର ରାଜ କିଶୋର ମୁଣ୍ଡାଙ୍କ ଖପର ଘର ଭାଙ୍ଗି ଦେଇଥିଲା। ସାହାରପଡ଼ା ସେକ୍ସନ ରାଉତିହା ବିଟ୍ ଭାଲିଆଡାଳ ଗ୍ରାମର ଦେବେନ୍ଦ୍ର ଦଳବଶିଆଙ୍କ ଆଜବେଷ୍ଟସ୍ ଘର, ବାଞ୍ଚା ଦଳବଶିଆଙ୍କ ଟାଇଲ ଘର କାନ୍ଥ ଓ ଜର୍ମାନ ଦଳବଶିଆଙ୍କ ଖପରଘର ଭାଙ୍ଗି ଦେଇଛି। ଖବର ଲେଖା ହେବା ଯାଏ ଏହି ଦନ୍ତା ସାହାରପଡ଼ା ସେକ୍ସନ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବା ଜଣା ପଡ଼ିଛି।

## ଓକିଲ ସଂଘ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

# ଉପସଭାପତି ଓ ଯୁଗ୍ମସମ୍ପାଦକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଆନନ୍ଦପୁର,୧୮।୩(ସମିସ): ଆନନ୍ଦପୁର ଓକିଲ ସଂଘ ନିର୍ବାଚନ ପାଇଁ ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ପ୍ରତ୍ୟାହାର ଅବଧି ଶେଷ ପରେ ଉପସଭାପତି ଭାବେ ହେମରଞ୍ଜନ ବେହେରା ଓ ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ଜେନା ଓ କାର୍ଯ୍ୟକାରୀ କମିଟି ସଦସ୍ୟ କୁମାର ସିଂହାସିଂ, ଚରଣ ସାହୁ, ଶୈଳେଶ କୁମାର ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ପାତ୍ର ଓ ସହକାରୀ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କଠାରୁ ସୂଚନା ମିଳିଛି। ଆସନ୍ତା ୩୦ ତାରିଖରେ ହେବାକୁ ଥିବା ନିର୍ବାଚନରେ ସଭାପତି ପଦ ପାଇଁ ଚିତ୍ତରଞ୍ଜନ ଦାଶ, ଦୟାନିଧି ଦାଶ ଓ କୁଳମଣୀ ସେଠୀ, ସମ୍ପାଦକ ପଦବୀରେ ଭଗବାନ ମଲ୍ଲିକ, ଭୁବନେଶ୍ୱର ଜେନା, କୋଷାଧ୍ୟକ୍ଷ ପଦବୀ ପାଇଁ ଅମୀୟ କୃଷ୍ଣ ଜେନା, ଅଶୋକ କୁମାର ରାଉଳ ପ୍ରତିଦ୍ୱନ୍ଦିତା କରିବେ ବୋଲି ସ୍ପଷ୍ଟ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ୧୮୪ ସଦସ୍ୟ ବିଶିଷ୍ଟ ଆନନ୍ଦପୁର ଓକିଲ ସଂଘର ନିର୍ବାଚନ ପାଇଁ ୩୦ ତାରିଖରେ ସକାଳ ୮ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଉକ୍ତ ଦିନ ଅପରାହ୍ନ ୪ ଘଟିକାରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।



## ସୈନିକ ଓ ସାମ୍ବାଦିକଙ୍କ ସମ୍ମାନ ଦାବି

# ଦେଶବ୍ୟାପୀ ଅଭିଯାନରେ ଶିବକରନ

ରାମଚନ୍ଦ୍ରପୁର,୧୮।୩(ସମିସ): ଉତ୍ତର ପ୍ରଦେଶର ଯୁବକ ଶିବକରନ୍ ସିଂ ଭାରତୀୟ ସେନାର ସୈନିକ ଓ ସାମ୍ବାଦିକମାନଙ୍କୁ ଉଚିତ ସମ୍ମାନ ମିଳିବା ଦାବିରେ ପାଦରେ ଚାଲିଚାଲି ଦେଶ ବ୍ୟାପି ଅଭିଯାନ ଚଳାଇଛନ୍ତି। ଦୁଇ ବର୍ଷ ତଳୁ ଭାରତ ଭ୍ରମଣରେ ବାହାରି କେନ୍ଦୁଝର ଆନନ୍ଦପୁର ଦେଇ ପୁରୀ ଜଗନ୍ନାଥ ଧାମ ଅଭିମୁଖେ ବାହାରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୧୨,୨୦୦ କିମି ଅତିକ୍ରାନ୍ତ କରି ସାରିଲେଣି। ସେ କନ୍ୟାକୁମାରୀ ପର୍ଯ୍ୟନ୍ତ ପଦଯାତ୍ରା କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ୨୦୨୨ ମାର୍ଚ୍ଚ ୨୫ ତାରିଖରୁ ଉତ୍ତରପ୍ରଦେଶ ଖରାଳି ଠାରୁ ପାଦଯାତ୍ରାରେ ବାହାରି ବିଭିନ୍ନ ସହର ବଜାର ଅତିକ୍ରମ କରିବା



ସମୟରେ ଭାରତୀୟ ସୈନିକ ଏବଂ ସାମ୍ବାଦିକମାନଙ୍କୁ ଉଚିତ ସମ୍ମାନ ମିଳିବା ଦାବିନେଇ ଏହି ଅଭିଯାନ ଚଳାଇଛନ୍ତି। ଗୈରିକ ପୋଷାକ ପରିଧାନ ସହ ହାତରେ ଜାତୀୟ ପତାକା ଧରି ପଥପ୍ରାନ୍ତରେ ଲୋକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ସେ। ଆଜି ୨୦ ନମ୍ବର ଜାତୀୟ ରାଜପଥ ହସନପୁର ଟୋଲପ୍ଲାଜା ନିକଟରେ ଶିବକରନ୍‌ଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ତାଙ୍କର ଏହି ଅଭିଯାନକୁ ତାରିଫ କରିଛନ୍ତି ସାମ୍ବାଦିକ ଏବଂ ଅନେକ ବୁଦ୍ଧିଜୀବୀ। ମାତୃଭୂମିର ସୁରକ୍ଷା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ପିତ ସେନାନୀଙ୍କ ଉଦ୍ଦେଶ୍ୟରେ ଏହି ପଦଯାତ୍ରା ବାହାରିଥିବା ଶ୍ରୀ ସିଂ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି।

# ଫକୀରପୁରରେ ପୁଲିସ୍‌ର ଫ୍ଲାଗମାର୍ଚ୍ଚ



ଆନନ୍ଦପୁର,୧୮।୩(ସମିସ): ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡ ରେ ପୋଲିସର ପ୍ରାକ ନିର୍ବାଚନୀ ପ୍ରସ୍ତୁତି ପ୍ରତିଦିନ ଜୋରଦାର କରାଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ବିଭିନ୍ନ ଅଞ୍ଚଳରେ ସିଆଇଏସଏଫ ଜବାନମାନଙ୍କୁ ନେଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗଡୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ କୁମାର ବେହେରା ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ଗ୍ରାମର ୮ନଂ, ୯ନଂ, ୧୦ନଂ ଓ ୧୧ନଂ ଓାର୍ଡ ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ସିଆଇଏସଫ ଯବାନ ମାନଙ୍କୁ ନେଇ ଫ୍ଲାଗମାର୍ଚ କରିଥିବା ଜଣାଯାଇଛି। ପୁଲିସର ଏହି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟରେ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଏସଆଇ ଅଭିମନ୍ୟୁ ଦାସ, ଏଏସଆଇ ସୁରେନ୍ଦ୍ର ଗିରି ଉପସ୍ଥିତ ରହି ପୋଲିସ ବାହିନୀକୁ ପରିଚାଳନା କରିଥିଲେ।

# ଜଳି ଗଲା ତିନି ବଖରା ଘର

ତେଲକୋଇ,୧୮।୩(ସମିସ): ତେଲକୋଇ ଥାନା ବିଞ୍ଜବାହାଲ ଗ୍ରାମରେ ଗତ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ତିନି ବଖରା ଘର ଜଳି ପାଉଁଶ ହୋଇଯାଇଛି। ଘର ଭିତରେ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ଓ ବର୍ଷକର ଖାଦ୍ୟ ଶସ୍ୟ ମଧ୍ୟ ଜଳି ପାଉଁଶ ହୋଇ ଯାଇଛି। ଘରେ ଥିବା ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି। ଗ୍ରାମର ସ୍ୱର୍ଗତ ଦାଶରଥୀ ଗୁରୁଙ୍କ ପରିବାର ଏହି ଅଗ୍ନିକାଣ୍ଡରେ ଶିକାର ହୋଇଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଯୁକୋ ବ୍ୟାଙ୍କରେ ଲୁଟ୍ ଉଦ୍ୟମ ବିଫଳ

ବଡ଼ବିଲ,୧୮।୩(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା କିରିବୁରୁ ଛକ ନିକଟରେ ଥିବା ଏଲ୍‌ଆଇସି କାର୍ଯ୍ୟାଳୟ ପରିସରରେ ଥିବା ବ୍ୟାଙ୍କରୁ ତିନି ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ଝରକା ଓ ଗ୍ରିଲ୍‌କୁ ଆରି ବ୍ଲେଡ଼ରେ କାଟି ଭିତରେ ପଶି ଲୁଟ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଦୁର୍ବୃତ୍ତମାନେ ଭିତରେ ପଶି ପ୍ରଥମେ ସିସିଟିଭି ତାର କାଟିବା ସହ ସେଠାରେ ଲାଗିଥିବା ସାଇରନକୁ ଭାଙ୍ଗି ଗ୍ୟାସ କଟର ସହାୟତାରେ ଷ୍ଟ୍ରଙ୍ଗ ରୁମ କବାଟକୁ କାଟି ବାକ୍ସ ଚେଷ୍ଟା କରି ବିଫଳ ହେବା ପରେ ସେମାନେ ଆଣିଥିବା ସମସ୍ତ ଜିନିଷ ସେଠାରେ ଛାଡି ଚାଲି ଯାଇଥିବ ଜଣାପଡିଛି। ତେବେ ଆଜି ସକାଳେ ବ୍ୟାଙ୍କର କର୍ମଚାରୀ ମାନେ ଖୋଲି ଏ ସବୁ ଦେଖିଲା ପରେ ବଡ଼ବିଲ ପୁଲିସକୁ ଖବର ଦେଲା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ରାସ୍ତାରେ ଅଟକି ଥିବା ଗାଡ଼ିରୁ ଲୁଟ୍

ରାମଚନ୍ଦ୍ରପୁର,୧୮।୩(ସମିସ): ବନ୍ଦ ପାଳନ ପାଇଁ ରାସ୍ତାରେ ଅଟକିଥିବା ଗାଡ଼ିଗୁଡ଼ିକରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ୨୦ ନମ୍ବର ଜାତୀୟ ରାଜପଥ କେନ୍ଦୁଝର ସୀମାନ୍ତ ଜରଦା ଛକରେ ଠିଆହୋଇ ରହିଥିବା ଟ୍ରକ୍ ଚାଳକ ଠାରୁ କିଛି ଅସାମାଜିକ ଯୁବକ ଜୋରଜୁଲମ କରି ଚାନ୍ଦା ଆଦାୟ କରିଥିବା ନେଇ ଜଣେ ଟ୍ରକ୍ ଚାଳକ ସ୍ଥାନିୟ ଜରଦା ଗ୍ରାମର କିଛି ଯୁବକଙ୍କ ନାଁରେ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଗାଡି ଚାଳକ ପ୍ରଶାନ୍ତ ଯେନାଙ୍କ ଏତଲା ଆଧାରରେ ପୁଲିସ ଯୁବକଙ୍କୁ କାବୁ କରିବାକୁ ତନାଘନା ଜାରି ରଖିଛି। ସେପଟେ ଏଭଳି ଘଟଣାକୁ କେନ୍ଦୁଝର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଘୋର ନିନ୍ଦା କରାଯିବା ସହ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଅସାମାଜିକ ଯୁବକଙ୍କୁ ଯଥାଶିଘ୍ର ଗିରଫ କରିବାକୁ ପୁଲିସକୁ ନିବେଦନ କରାଯାଇଛି।

# ଭାଲୁ ଆକ୍ରମଣର ଶିକାର ହେଲେ ଦୁଇ ଯୁବକ

କେନ୍ଦୁଝର/ବଉଳା,୧୮।୩(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ଢେଙ୍କା ଅଞ୍ଚଳରେ ଦୁଇ ଜଣ ଯୁବକ ଜଙ୍ଗଲୀ ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ହେଇଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାଇ ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ ପୁରୁଣାପାଣି ଗ୍ରାମର ଗଙ୍ଗା ହେମ୍ବ୍ରମ(୩୧) ଓ ସଂଗ୍ରାମ ଟୁଡୁ (୨୮) ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧେଇବା ପାଇଁ ଯାଇଥିଲେ। ଆଗରୁ ଲୁଚି ରହିଥିବା ଭାଲୁଟି ହଠାତ ସେମାନଙ୍କ ଉପରକୁ ଲମ୍ଫ ମାରିବା ସହ ସେମାନଙ୍କୁ ଆକ୍ରମଣ କରିଥିଲା। ଦୁଇ ଯୁବକ ବଡ଼ ପାଟି କରି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଭାଲୁ ସେମାନଙ୍କୁ ଦେଖି ଜଙ୍ଗଲ ମୁହାଁ ହେଇଥିଲା। ତେବେ ଘଟଣା ସମ୍ପର୍କରେ ବୁଝିବା ପରେ ଆହତ ଯୁବକ ଦୁଇ ଜଣଙ୍କୁ ଗ୍ରାମବାସୀ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁତର ସଂଗ୍ରାମକୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ୮୫ ଜଣଙ୍କ ରକ୍ତ ନମୁନା ସଂଗ୍ରହ

ଆନନ୍ଦପୁର,୧୮।୩(ସମିସ): ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଫାଇଲେରିଆ ରୋଗୀ ଚିହ୍ନଟ ପାଇଁ ପୌରପରିଷଦ ଅନ୍ତର୍ଗତ ୬ ନମ୍ବର ୱାର୍ଡରେ ଏକ ରକ୍ତ ନମୁନା ସଂଗ୍ରହ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଫାଇଲେରିଆ ରୋଗ ଚିହ୍ନଟ ନିମନ୍ତେ ସେମାନଙ୍କ ରକ୍ତ ନମୁନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅମୀୟ କୁମାର ଘଡେଇ, ଫକୀରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିତେନ୍ଦ୍ର ସାହୁ, ରମାନାଥ ମହାନ୍ତି, ଏମ୍‌ଟିଏସ୍‌ଡବ୍ଲୁ କଳ୍ପନା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ରକ୍ତ ନମୁନା ସଂଗ୍ରହ ପରେ ଏହାକୁ ପରୀକ୍ଷା ପାଇଁ ପଠାଯିବ ଏବଂ ଯେଉଁ ରକ୍ତ ନମୁନାରେ ଫାଇଲେରିଆ ଭୂତାଣୁ ଚିହ୍ନଟ ହେବ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଉନ୍ନତ ମାନର ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯିବ ବୋଲି ଶିବିରରେ ସୂଚନା ପ୍ରଦାନ କରାଯାଇଥିବା ଜଣାଯାଇଛି।

# ଜିଲ୍ଲା ଆଦିବାସୀ ମହାସଂଘର ସାଧାରଣ ବୈଠକ

କେନ୍ଦୁଝର,୧୮।୩(ସମିସ): କେନ୍ଦୁଝର ଜିଲ୍ଲା ଟିକରଗୁମୁରା ସ୍ଥିତ ବିର୍ସାମୁଣ୍ଡା ହୋ ସମାଜ ସଭାଗୃହଠାରେ ଆଦିବାସୀ ମହାସଂଘର ଏକ ସାଧାରଣ ବୈଠକ ଚନ୍ଦ୍ରମୋହନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୧ଗୋଟି ଆଦିବାସୀ ସଂପ୍ରଦାୟର ଅନେକ ନେତୃବୃନ୍ଦ ଯୋଗଦାନ କରିଥିଲେ। ଜିଲ୍ଲାର ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ବିକାଶ, ଅନ୍ଧବିଶ୍ୱାସ, ନିଶା ନିବାରଣ କ୍ଷେତ୍ରରେ ସଚେତନତା କରିବା ପାଇଁ ଆହ୍ୱାନ କରାଯାଇଥିଲା। ଉକ୍ତ ବୈଠକରେ ନୂତନ ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଚନ୍ଦ୍ରମୋହନ ନାୟକ, ଉପସଭାପତି ଭାବେ ହରିଶଙ୍କର ନାଏକ, ପ୍ରଭାତ ରଞ୍ଜନ ନାଏକ ଓ ଭବାନୀ ଶଙ୍କର ନାଏକ, ସାଧାରଣ ସଂପାଦକ ଭାବେ ଜୀବନ ସିଂ ମୁଣ୍ଡା, ଯୁଗ୍ମ ସଂପାଦକ ଭାବେ ଅଭିମନ୍ୟୁ ଜୁଆଙ୍ଗ ଓ ରଥ ମୁଣ୍ଡା, କୋଷାଧ୍ୟକ୍ଷ୍ୟ ଭାବେ ଦୟାନିଧି ସିଂ ସହ କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ନାୟକ, ମିଡିଆ ସେଲ ସଂପାଦକ ଭାବେ ଗୋରେଖ ନାଥ ନାୟକ, ଉପଦେଷ୍ଟା ଭାବେ ରାମରାୟ ମୁନ୍ଦୁୟା, ମୁରଲୀଧର ଦଣ୍ଡପାଟ, ସମରା ଟୁଡୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ବୈଠକରେ ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମାନସା ହେମ୍ବ୍ରମ, ଜୟରାମ ବାଙ୍କିରା, ଚୈତନ୍ୟ ଜୁଆଙ୍ଗ, ସହଦେବ ବାଘୁଆ, କୁଶଧ୍ୱଜ ନାଏକ, ମଳୟ ଜୁଆଙ୍ଗ, ବୁଦ୍ଧିରାମ ମୁଣ୍ଡା, ମଙ୍ଗୁଲୁ ମୁଣ୍ଡା, ଦୁର୍ଗାଚରଣ ପିଙ୍ଗୁଆ, ମାୟାଧର ମୁଦି, ପ୍ରଭାକର ଜୁଆଙ୍ଗ, ବିଜୟ କୁମାର ମୁଣ୍ଡା, ସୁରେଶ ଜୁଆଙ୍ଗ ଓ ଚନ୍ଦ୍ରମଣି ଜୁଆଙ୍ଗ ପ୍ରମୁଖ ଯୋଗଦାନ କରିଥିଲେ।

# ଜଳସୁଁଆ ଗାଁ ରାସ୍ତାରେ ଭାସୁଛି ପାଣି

ବେଲବାହାଲି,୧୮।୩(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁର ଗାଁ ରାସ୍ତାରେ ଭାସୁଛି ପାନୀୟଜଳ। ଖରାଦିନରେ ସାଧାରଣତଃ ପିଇବା ପାଣିର ସମସ୍ୟା ଦେଖାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଲୋକମାନେ ପିଇବା ପାଣିର ଅପ ବ୍ୟବହାର କରୁଥିବା ପରିଲକ୍ଷିତ ହୋଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ପାଇପ୍ ମାଧ୍ୟମରେ



ଯୋଗାଇ ଦିଆଯାଉଛି। ତେବେ ପରିଚାଳନାଗତ ତ୍ରୁଟି ଓ ଉପଯୁକ୍ତ ତଦାରଖ ଅଭାବରୁ ପାଇପ୍‌ଗୁଡିକ ବିଭିନ୍ନ ସ୍ଥାନରେ ଫାଟିଯାଇ ପାଣି ରାସ୍ତାରେ ଭାସୁଛି। ଅନ୍ୟପଟେ କିଛି ଅସାମାଜିକ ବ୍ୟକ୍ତିମାନେ ପାଣି ପାଇପ୍‌କୁ ସବୁବେଳେ ଖୋଲା କରିଦେଉଛନ୍ତି। ଏହା ଦ୍ୱାରା ସବୁବେଳେ ଗାଁ ରାସ୍ତାରେ ପାଣି ଭାସୁଛି। ଫଳରେ ଘରୋଇ ସଂଯୋଗ ନେଇଥିବା ଉପଭୋକ୍ତାମାନଙ୍କ ଘରେ ପାଣି ପହଞ୍ଚି ପାରୁନଥିବାରୁ ବିଭିନ୍ନ ସାହି ବସ୍ତିରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ ଜଳସୁଆଁ ଅଞ୍ଚଳର ବିଭିନ୍ନ ୱାର୍ଡର ସାହି ବସ୍ତିରେ। ଜଳସୁଆଁ ଗ୍ରାମରେ ମୋଟ ୭ଟି ୱାର୍ଡ ରହିଥିବା ବେଳେ ତାହା ମଧ୍ୟରେ ବିଭିନ୍ନ ଆନୁଷ୍ଠାନିକ ମଧ୍ୟ ରହିଛି। ଏଣୁ ଖରାଦିନେ ପିଇବା ପାଣିର ଏପରି ଅପ ବ୍ୟବହାର ଓ ଗାଁ ରାସ୍ତାରେ ପାଣି ଭାସୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବରିଷ୍ଠ ନାଗରିକ ପରିଷଦ ସଭାପତିଙ୍କ ସ୍ମୃତିସଭା

ଆନନ୍ଦପୁର,୧୮।୩(ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ସଭାପତି ମହେଶ୍ୱର ମିଶ୍ରଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ବ୍ରିଜଛକସ୍ଥିତ ସାଇ ନୀଳୟମ ନିକଟସ୍ଥ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅବସରପ୍ରାପ୍ତ ପୁଲିସ କଲ୍ୟାଣ ସଂଘର ସଭାପତି ସୂର୍ଯ୍ୟମଣୀ ତ୍ରିପାଠୀ, ନିମାଁଇ ଚରଣ ଲେଙ୍କା, ବରିଷ୍ଠ ନାଗରିକ ପରିଷଦ ସଭାପତି ରମାକାନ୍ତ ନାୟକ, ସାହିତ୍ୟିକ କୀର୍ତ୍ତନ ସାହୁ, ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ କୀର୍ତନ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ ଜୀବନୀ ଓ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଏହିସଭାରେ କବୟିତ୍ରୀ ସାବିତ୍ରୀ ଦାସ, ରଘୁନାଥ ପଣ୍ଡିତ, ରବିନ୍ଦ୍ର ପ୍ରସାଦ ଚାନ୍ଦ, ରାମଚନ୍ଦ୍ର ଜେନା, ହରିଶ ଚନ୍ଦ୍ର ମହାପାତ୍ର, କିଶୋର କୁମାର ମିଶ୍ର, ଶହଦେବ ସାହୁ, ମୁରଲିଧର ମିଶ୍ର, ଗଗନ ସିଂ, ଫୁଲମଣୀ ମିଶ୍ର, ସତ୍ୟବ୍ରତ ରାମ, କନକଲତା ରାମ, ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ ଜୀବନ ଧାରଣର ଶୈଳୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସଂପୃକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ।

# ଧକୋଠାରେ ଚବିଶ ପ୍ରହର ନାମଯଜ୍ଞ

ଆନନ୍ଦପୁର, ୧୮।୩(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ଗ୍ରାମରେ ଗୌରଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚାରି ଦିନ ଧରି ଚବିଶ ପ୍ରହର ନାମଯଜ୍ଞ ଓ ମହାମନ୍ତ୍ର ଉଚ୍ଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ବାବା ରାମଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଏହି ନାମସଂକୀର୍ତ୍ତନ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ୨୨ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ପ୍ରତିଦିନ ଏହି ଦିବ୍ୟ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଓ ମହିଳାମାନେ ଯୋଗ ଦେଇ ରାମନାମ ରସ ପାନ କରିଥିଲେ। ଏହି ଚବିଶି ପ୍ରହର କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ଓସ୍ତଖୋଡି, ବାଉଁଶଡିହା, ଲଙ୍ଗା, ବାଉଁଶଗଡ, ସଡ଼ଙ୍ଗି, ରଟୁଆଁ, ବିରଗୋବିନ୍ଦପୁର ଓ ଧକୋଠା ଗ୍ରାମର ସଂକୀର୍ତ୍ତନ ଦଳଙ୍କ ଆକର୍ଷଣୀୟ ସାଂସ୍କୃତିକ ନୃତ୍ୟ ବେଶ୍ ମନଛୁଆଁ ହୋଇଥିଲା। ସମସ୍ତ ସଂକୀର୍ତ୍ତନ ଦଳ ଗାଁ ପରିକ୍ରମା କରିବା ପରେ ପୂଜାମଣ୍ଡପରେ ଦଧିହାଣ୍ଡି ଭାଙ୍ଗିଥିଲେ।

# ବିଦ୍ୟୁତ ଉପଭୋକ୍ତା ଘେରିଲେ କାର୍ଯ୍ୟାଳୟ

ଆନନ୍ଦପୁର,୧୮।୩(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ ନାଳସାହିର ବିପିଏଲ୍ ବିଦ୍ୟୁତ ଉପଭୋକ୍ତା ମାନେ ଆଜି ବିଦ୍ୟୁତ କାର୍ଯ୍ୟାଳୟକୁ ଘେରଉ କରିବା ଘଟଣାରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ନାଳ ସାହିରେ ରହୁଥିବା ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ଉପଭୋକ୍ତାଙ୍କୁ ଗତ କିଛି ଦିନ ତଳେ ବିପିଏଲ ଯୋଜନାରେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ଏହି ଉପଭୋକ୍ତାମାନେ ମାତ୍ର ଗୋଟିଏ ବିଦ୍ୟୁତ ବଲ୍ ବ୍ୟବହାର କରୁଥିବା ବେଳେ ହଜାର



ହଜାର ଟଙ୍କାର ମାସିକ ବିଲ୍ ଲଗାଯାଉଥିବାରୁ ବିପିଏଲ ହିତାଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ଠାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ତଦନ୍ତ କରିବା କିମ୍ବା ଦିଆଯାଇଥିବା ତ୍ରୁଟିପୂର୍ଣ୍ଣ ବିଲ୍‌ର ସଂଶୋଧନ କରିବା ପରିବର୍ତ୍ତେ ସଂଯୋଗ କାଟିଦେବା ପାଇଁ ଏହି ବିପିଏଲ୍ ହିତାଧିକାରୀମାନଙ୍କୁ ଧମକ ଦିଆଯାଉଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ଆଜି ବଡନାଳ ବିପିଏଲ ହିତାଧିକାରୀ ଘନଶ୍ୟାମ ଦେଓଗମ, ନାରାୟଣ ଦେଓଗମ, ସୁରେ ହୋ, ଘନଶ୍ୟାମ ହେମ୍ବ୍ରମ, ବାଙ୍କୁ ହୋ, ସାଲୁ ହୋ, ବଳରାମ ହୋ, ଜଗତା ହୋ, କୁଶ ହେମ୍ବ୍ରମ, ଜଗ ହୋ, ସୂର୍ଯ୍ୟମଣୀ ହେମ୍ବ୍ରମ, ଜଗନ୍ନାଥ ହେମ୍ବ୍ରମ, ଆକାଶ ହେମ୍ବ୍ରମ, ପ୍ରମୋଦ ହେମ୍ବ୍ରମ ଓ ମିଂଜାରି ହୋଙ୍କ ସମେତ ଅନେକ ହିତାଧିକାରୀ ବିଦ୍ୟୁତ କାର୍ଯ୍ୟାଳୟ ସମୁଖରେ ପ୍ରତିବାଦ କରିବା ସହିତ ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## ● ଆନନ୍ଦପୁରରେ ରାଜନୈତିକ ଦଳର ବୈଠକ

# ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ

ଆନନ୍ଦପୁର,୧୮।୩(ସମିସ): ଗତ ୧୬ ତାରିଖରେ ରାଜ୍ୟରେ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ଏହାର କାର୍ଯ୍ୟକାରିତା ନେଇ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆଚରଣ ବିଧି ଲାଗୁ ହେବା ପରେ ମଧ୍ୟ ଆନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ପିଛିଲା ତାରିଖରେ କାର୍ଯ୍ୟାଦେଶ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଫାଇଲ ପ୍ରସ୍ତୁତ କରାଯାଉଛି



ବୋଲି ବିଜେପି ପକ୍ଷରୁ ହୋଇଥିବା ଅଭିଯୋଗର ତତ୍‌କ୍ଷଣାତ ତଦନ୍ତ କରାଯାଇଛି ବୋଲି ଉପଜିଲ୍ଲାପାଳ ଶ୍ରୀ ମାଝୀ ପ୍ରକାଶ କରିଥିଲେ। ଏହି ବୈଠକରେ ବିଜୁ ଜନତା ଦଳ ପକ୍ଷରୁ ରମାକାନ୍ତ ବେହେରା, ଦେବଦତ୍ତ ନାୟକ, ସତ୍ୟନାରାୟଣ ସାହୁ, ଭାରତୀୟ ଜନତା ପାର୍ଟି ପକ୍ଷରୁ ରାମଚନ୍ଦ୍ର ସାହୁ, ଦୀପକ କୁମାର ଜେନା, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଶ୍ରୀଧର ଦଳେଇ, ହାଡିବନ୍ଧୁ ଖୁଣ୍ଟିଆ, ତାରିଣୀ ପ୍ରସାଦ ପଟ୍ଟନାୟକ, ଆମ ଆଦମୀ ପାର୍ଟି ପକ୍ଷରୁ ସୁମନ୍ତ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନକୁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ମତଦାନ ପାଇଁ ବିଭିନ୍ନ ବୁଥ୍‌ରେ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନିର୍ବାଚନ ସମୟରେ ବିଭିନ୍ନ ଦଳ ପକ୍ଷରୁ ହେବାକୁ ଥିବା ଶୋଭାଯାତ୍ରା , ପଥପ୍ରାନ୍ତ ସଭା, ଦଳୀୟ ସମାବେଶ, ପଦଯାତ୍ରା, ବାଇକ ରାଲି ପାଇଁ ଯଥେଷ୍ଟ ପୂର୍ବରୁ ପ୍ରଶାସନର ଅନୁମତି ନେବାକୁ ପରାମର୍ଶ ଦିଆଯାଇଥିଲା। ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ କୌଣସି ଦଳକୁ ଏକା ସାଙ୍ଗରେ ସଭା ସମିତି କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆସିଷ୍ଟାଣ୍ଟ କଲେକ୍ଟର ବନଜା ପାତ୍ର, ତପନ ପ୍ରଧାନ, ଯୋଗାଣ ଅଧିକାରୀ ଶିବପ୍ରସାଦ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳଙ୍କ ନିର୍ବାଚନ ସହଯୋଗୀ ଗୌରାଙ୍ଗ ଚରଣ ଜେନା ସହଯୋଗ କରିଥିଲେ।

# ଖୁଣ୍ଟପାଣିରେ ମାଗେ ପରବ ଉଦ୍‌ଯାପିତ

ଯୋଡ଼ା,୧୮।୩(ସମିସ)



ଯୋଡ଼ା ପୌରପାଳିକାର ୧୩ ନମ୍ବର ୱାର୍ଡ ଖୁଣ୍ଟପାଣିରେ ବୀର ବିର୍ସା ମୁଣ୍ଡା ଯୁବକ ସଂଘ ପକ୍ଷରୁ ମାଗେ ପରବ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାରଠାରୁ ଆରମ୍ଭ ହୋଇ ୩ ଦିନ ଧରି ଏହି ପର୍ବ ପାଳିତ ହୋଇଥିଲା। ଉଦଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ସମ୍ମାନୀୟ ଅତିଥି ଟିଏସଏଫ୍ ମୁଖ୍ୟ ରବୀନ୍ଦ୍ର କୁମାର, ତାପସ ପଟ୍ଟନାୟକ ଓ ଯୋଡ଼ା ନଗର ବିଜୁ ଜନତା ଦଳର ସଭାପତି ଚତୁର୍ଭୁଜ ପଲେଇ, ହୋ ସମାଜ ସଭାପତି ସଞ୍ଜୀବ ମୁଣ୍ଡା, ଉପ ସଭାପତି ରଜେନ ମୁଣ୍ଡା, ଅର୍ଜେନ ମୁଣ୍ଡା ଯୋଗ ଦେଇଥିଲେ। ପ୍ରଥମ ଦିନରେ ଗୁରି ପରବ, ଦ୍ୱିତୀୟ ଦିନ ମାରଙ୍ଗ ପରବ ଓ ତୃତୀୟ ଦିନ ହାର ବାଗେୟ ପରବ ବହୁତ ଧୁମ୍‌ଧାମରେ ପାଳିତ ହୋଇଥିଲା। ନାଗରା, ମାନ୍ଦଳ, ଝାଞ୍ଜ ଆଦି ବାଦ୍ୟର ତାଳେ ତାଳେ ସମସ୍ତ ଅଧିବାସୀ ନାଚ ଗୀତରେ ଝୁମିଥିଲେ। ଆଦିବାସୀ ମହିଳା ପୁରୁଷ ଏକତ୍ରିତ ଭାବରେ କାନ୍ଧକୁ କାନ୍ଧ ମିଶେଇ ହାତକୁ ହାତ ଧରାଧରି ହୋଇ ନାଚ ଗୀତରେ ମଜିଯାଇ ଥିବାବେଳେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ପର୍ବ ପାଳନ କରାଯାଇଛି। ତେବେ ଆଦିବାସୀ ପୁରୁଷ, ମହିଳା ମାନଙ୍କ ପାରମ୍ପରିକ ମାଗେ ନୃତ୍ୟ ଏହି ପର୍ବର ମୁଖ୍ୟ ଆକର୍ଷଣ ହୋଇ ଥିବାବେଳେ ପର୍ବ ଦେଖିବାକୁ ଆଖପାଖ ଗ୍ରାମ ମାନଙ୍କରୁ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଗ୍ରାମର ଦେହୁରୀ ରଥ ମୁଣ୍ଡାଙ୍କ ଦିଗ ଦର୍ଶନରେ ସୁରୁଖୁରୁରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଏହି ପର୍ବକୁ ବୀର ବିର୍ସା ମୁଣ୍ଡା ଯୁବକ ସଂଘର ସଭାପତି ଦାଶରାମ ମୁଣ୍ଡା,ସହ ସଭାପତି ବୁଧୁରାମ ମୁଣ୍ଡା, ସମ୍ପାଦକ ରମେଶ ମୁଣ୍ଡା, ସାଧାରଣ ସମ୍ପାଦକ ସୁବୋଧ ମୁଣ୍ଡା ସହ ଅନ୍ୟ କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ।

